## ବିଦ୍ୟାଳୟ ନେତୃତ୍ୱ

TESS India

# ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟାର ରୂପାନ୍ତରଣ : ଶିକ୍ଷାର୍ଥୀଙ୍କ ଫଳପ୍ରଦ ଶିକ୍ଷଣ ପାଇଁ ସମ୍ବଳର ପରିଚାଳନା

# Transforming teaching-learning process: managing resources for effective student learning





ଭାରତରେ ବିଦ୍ୟାଳୟ ଭିତ୍ତିକ ସହାୟତା ମାଧ୍ୟମରେ ଶିକ୍ଷକ ଶିକ୍ଷା

www.TESS-India.edu.in

The Open University

UKaid from the British people

CC BY SA

http://creativecommons.org/licenses/

ଏହି ବିଦ୍ୟାଳୟ ନେତୃତ୍ୱ ସମ୍ବନ୍ଧୀୟ ମୁକ୍ତ ଶିକ୍ଷଣ ସମ୍ବଳଟି ଟେସ୍ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ ହୋଇଥିବା 'ବିଦ୍ୟାଳୟ ନେତୃତ୍ୱ' ସମ୍ବନ୍ଧୀୟ ୨୦ଟି ପୁସ୍ତିକା ମଧ୍ୟରୁ ଅନ୍ୟତମ। ଏହି ପୁସ୍ତିକାଗୁଡ଼ିକ ବିଦ୍ୟାଳୟରେ ନେତୃତ୍ୱ ନେଉଥିବା ଶିକ୍ଷକ ଶିକ୍ଷୟତ୍ରୀଙ୍କ ଶିକ୍ଷଣ ଓ ବୃତ୍ତିଗତରେ ଉନ୍ନତି ଆଣି ଶ୍ରେଣୀ କକ୍ଷରେ ପାଠପଢାରେ ସହାୟତା କରିବ। ଏହି ପୁସ୍ତିକାଗୁଡ଼ିକ ବିଭିନ୍ନ ସିଦ୍ଧାନ୍ତ ଓ ପରିଚାଳନା ସମ୍ବନ୍ଧୀୟ ଅଭିଜ୍ଞତାକୁ ଭିତ୍ତିକରି ପ୍ରସ୍ତୁତ କରାଯାଇଛି। ଏହି ପୁସ୍ତିକାରେ ଦିଆଯାଇଥିବା ତଥ୍ୟକୁ ବିଦ୍ୟାଳୟର ନେତୃତ୍ୱ, ଶିକ୍ଷକ ଓ ସହାୟକ କର୍ମୀମାନେ ଅଭ୍ୟାସରେ ଆଣିଲେ ବିଦ୍ୟାଳୟରେ ସାମୁହିକ ଉନ୍ନତି ଆସିପାରିବ। ଏହି ପୁସ୍ତିକାଗୁଡ଼ିକ ପଠନ ପାଇଁ ଏକ ବିଦ୍ଧିବଧ ଖସଡା ପ୍ରସ୍ତୁତ କରିବାର ଆବଶ୍ୟକତା ଯଦିଓ ନାହିଁ ତଥାପି "ବିଦ୍ୟାଳୟର ମୁଖ୍ୟ ଜଣେ ସାମର୍ଥ୍ୟକାରୀ" ପୁସ୍ତିକାରୁ ପଠନ ଆରମ୍ଭ କରାଯାଇପାରେ। ଏହି ପୁସ୍ତିକାଗୁଡ଼ିକ ନିଜସ୍ୱ ପଠନ ପାଇଁ ଉଦ୍ଦିଷ୍ଟ ଓ ଏହାକୁ ନିଜର ପାଠାଗାରାରେ ରଖାଯାଇପାରେ। ଏହି ପୁସ୍ତିକାଗୁଡିକ ବିଦ୍ୟାଳୟ ନେତୃତ୍ୱ ନେଉଥିବା ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ, ଉପ ପ୍ରଧାନ ଶିକ୍ଷକ କିମ୍ବା ଅନ୍ୟ ଶିକ୍ଷକ ଯେଉଁମାନେ ବିଦ୍ୟାଳୟ ନେତୃତ୍ୱରେ ସାମିଲ ଅଛନ୍ତି ସେମାନଙ୍କ ପାଇଁ ଉଦ୍ଦିଷ୍ଟ।

ଭାରତରେ ବିଦ୍ୟାଳୟ ଭିତ୍ତିକ ସହଯୋଗ ମାଧ୍ୟମରେ ଶିକ୍ଷକ ଶିକ୍ଷା (ଟେସ-ଇଣ୍ଡିଆ) କାର୍ଯ୍ୟକ୍ରମ ଶିକ୍ଷକମାନଙ୍କୁ 'ମୁକ୍ତ ଶୈକ୍ଷିକ ସଂବଳ' ମାଧ୍ୟମରେ ଶିକ୍ଷାର୍ଥୀ କୈନ୍ଦ୍ରିକ, ସହଭାଗୀ ଶିକ୍ଷାପଦ୍ଧତିଗୁଡ଼ିକର ବିକାଶ କରିବାରେ ସହାୟତା ଦେବା ସହ ଭାରତରେ ଥିବା ପ୍ରାରମ୍ଭିକ ଓ ମାଧ୍ୟମିକ ଶିକ୍ଷକମାନଙ୍କ ଶ୍ରେଣୀଗୃହରେ କାର୍ଯ୍ୟଧାରା ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି । ଟେସ୍-ଇଣ୍ଡିଆର ଏହି 'ମୁକ୍ତ ଶୈକ୍ଷିକ ସଂବଳ' ଶିକ୍ଷକମାନଙ୍କ ପାଇଁ ବିଦ୍ୟାଳୟ ପାଠ୍ୟପୁସ୍ତକର ଏକ ସହଯୋଗୀ ଅଟେ । ଏଗୁଡ଼ିକ, ଅନ୍ୟ ଶିକ୍ଷକମାନେ ପ୍ରସଙ୍ଗଟିକୁ କିପରି ପଢ଼ାଇଛନ୍ତି ତାହା ପ୍ରଦର୍ଶନ କରିବା ସହ ଶ୍ରେଣୀଗୃହରେ ଶିକ୍ଷାର୍ଥୀମାନଙ୍କ ସହ ପ୍ରାକ୍ ପରୀକ୍ଷଣ ପାଇଁ ଶିକ୍ଷଣକାର୍ଯ୍ୟମାନ ଯୋଗାଇ ଦେଇଥାଏ । ଏହା ବ୍ୟତିତ ଶିକ୍ଷକମାନଙ୍କୁ ସେମାନଙ୍କ ପାଠ ଯୋଜନା ଏବଂ ବିଷୟଗତ ଜ୍ଞାନର ଅଭିବୃଦ୍ଧି ପାଇଁ ଏହା ସଂଯୋଗ ସ୍ଥାପନ କରେ ।

ଟେସ୍-ଇଣ୍ଡିଆର 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ଭାରତୀୟ ପାଠ୍ୟ ଖସଡ଼ା ଓ ପରିପେକ୍ଷୀ ଅନୁଯାୟୀ ଉଭୟ ଭାରତୀୟ ଓ ଆର୍ନ୍ତଜାତୀୟ ଲେଖକମାନଙ୍କ ସହଭାଗୀତାରେ ପ୍ରସ୍ତୁତ । ଏହା ଉଭୟ ଅନ୍‌ଲାଇନ ଓ ମୁଦ୍ରିତ ଭାବେ ବ୍ୟବହାର ପାଇଁ ଇଣ୍ଟରନେଟ୍ (http://www.tess-india.edu.in/) ରେ ଉପଲବ୍ଧ । 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ବିଭିନ୍ନ  ଭାଷାରେ ଅନୁବାଦ କରାଯାଇ ଉପଲବ୍ଧ କରାଯାଇଛି ଓ ଟେସ୍-ଇଣ୍ଡିଆର କାର୍ଯ୍ୟକ୍ରମ ଚାଲୁଥିବା ଭାରତୀୟ ରାଜ୍ୟଗୁଡ଼ିକ ପାଇଁ ଉପଯୁକ୍ତ ଅଟେ । ଏହାର ବ୍ୟବହାରକାରୀମାନଙ୍କୁ ସ୍ଥାନୀୟ ପ୍ରାସଙ୍ଗିକତା ଓ ଆବଶ୍ୟକତାକୁ ଭରଣା କରିବା ନିମିତ୍ତ ସ୍ଥାନୀୟକରଣ କରି ଗ୍ରହଣ କରିବାକୁ ଆମନ୍ତ୍ରିତ କରାଯାଇଛି । ଟେସ୍-ଇଣ୍ଡିଆ ଭାରତ ଓ ଯୁକ୍ତରାଜ୍ୟ ସରକାରଙ୍କ ମିଳିତ କାର୍ଯ୍ୟକ୍ରମର ଏକ ଅଂଶ ଓ ଯୁକ୍ତରାଜ୍ୟ ର ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ।

**ଭିଡ଼ିଓ ସମ୍ବଳ ସମୂହ**

ଏହି ଏକକରେ କେତେକ କାର୍ଯ୍ୟମାନ ସଙ୍କେତ ସହ ସମ୍ମିଳିତ କରାଯାଇଛି । ଟେସ-ଇଣ୍ଡିଆର 'ଭିଡ଼ିଓ ସମ୍ବଳ ସମୂହ' ଶିକ୍ଷା ତତ୍ତ୍ୱ ଆଧାରିତ । ଏଥିରେ ଥିବା ଭିଡ଼ିଓଗୁଡ଼ିକ ନିର୍ଦ୍ଦିଷ୍ଟ ବିଷୟ ପାଇଁ ଭାରତୀୟ ଶ୍ରେଣୀଗୃହ ପରିପ୍ରେକ୍ଷୀରେ ପଢ଼ାଇବାର କୌଶଳଗୁଡ଼ିକୁ ସଚିତ୍ର ବର୍ଣ୍ଣନା କରିଛି। ଆମେ ଆଶାକରୁ ଯେ ଏଗୁଡ଼ିକ ଆପଣମାନଙ୍କୁ ଅନୁରୂପ କାର୍ଯ୍ୟଧାରାଗୁଡ଼ିକର ପରୀକ୍ଷଣ ନିମିତ୍ତ ଅନୁପ୍ରେରିତ କରିବ । ଏହିସବୁ ଆପଣଙ୍କ ଦ୍ୱାରା କରାଯାଉଥିବା ପାଠ୍ୟପୁସ୍ତକ ଆଧାରିତ କାର୍ଯ୍ୟଗୁଡ଼ିକର ଅଭିଜ୍ଞତା ବୃଦ୍ଧି କରିବା ନିମିତ୍ତ ଅଭିପ୍ରେରିତ। ଟେସ୍-ଇଣ୍ଡିଆ ଭିଡ଼ିଓ ସମ୍ବଳ ସମୂହ ଅନ୍‌ଲାଇନ୍‌ରେ http://www.tess-india.edu.in/) ଉପଲବ୍ଧ ଓ ଡାଉନ୍‌ଲୋଡ୍ କରାଯାଇପାରିବ। ଆପଣମାନେ ଏହି ଭିଡ଼ିଓଗୁଡ଼ିକୁ ସି.ଡ଼ି. ବା ମେମୋରୀ କାର୍ଡ଼ ମାଧ୍ୟମରେ ବ୍ୟବହାର କରି ପାରିବେ ।

ଓଡ଼ିଆ ସଂକଳନ 1.0     ବିଦ୍ୟାଳୟ ନେତୃତ୍ୱ 16
Odisha

ଏହି ସଂକରଣଟି 'ଟେସ୍ ଇଣ୍ଡିଆର ମୁକ୍ତ ଶିକ୍ଷା ସମ୍ବଳ'ର ବିଦ୍ୟାଳୟ ନେତୃତ୍ୱ ସଂକଳନର ଏକ ଭାଗ ଅଟେ। ମୂଳ ଇଂରାଜୀ ଲେଖାକୁ ଡକ୍ଟର ମମତା ସ୍ୱାଇଁ ଓଡ଼ିଆ ଭାଷାରେ ଭାଷାନ୍ତର କରିଛନ୍ତି। ଏହି ସଂକଳନରେ ବ୍ୟବହୃତ ହୋଇଥିବା ତୃତୀୟ ପକ୍ଷ ସାଧନ ବ୍ୟତୀତ ଅନ୍ୟ ସମସ୍ତ ସ ମ୍ବଳ / ଲେଖ http:// creativecommons.org/ licenses/by-sa/3.0/ ରେ ମୁକ୍ତ ବ୍ୟବହାର ପାଇଁ ଉପଲବ୍ଧ ଅଟେ।

TESS-India is led by The Open University UK and funded by UK aid from the UK government

# ଏହି ଏକକରେ କ'ଣ ଅଛି

ଜଣେ ବିଦ୍ୟାଳୟ ମୁଖ୍ୟ ଭାବରେ ଆପଣଙ୍କର ଦାୟିତ୍ୱ ରହିଛି ଯେ ଯେପରି ପ୍ରତ୍ୟେକ ଶିକ୍ଷାର୍ଥୀ ଶିକ୍ଷଣରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ଓ ସହାୟତା ପାଉଛନ୍ତି। ଏହା ସମ୍ଭବ ଯଦି ଆପଣ ସମ୍ବଳଗୁଡ଼ିକୁ ଫଳପ୍ରଦ ଭାବରେ କେବଳ ଶିକ୍ଷଣର ଉନ୍ନତି ଲକ୍ଷ୍ୟରେ ପରିଚାଳନା କରିବେ। ଜଣେ ବିଦ୍ୟାଳୟ ମୁଖ୍ୟଙ୍କ ପାଇଁ ସମ୍ବଳମାନଙ୍କ ମଧ୍ୟରୁ ମାନବ ସମ୍ବଳକୁ ପରିଚାଳନା କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଟେ। ଆପଣଙ୍କ ପାଖରେ କାମ କରୁଥିବା ବ୍ୟକ୍ତିମାନଙ୍କୁ ଜାଣିଛନ୍ତି (ଶିକ୍ଷକ, ଅନ୍ୟାନ୍ୟ ସହକର୍ମୀ, ମାତାପିତା ଏବଂ ଗୋଷ୍ଠୀ) ଯେଉଁମାନେ ସେମାନଙ୍କର ଜ୍ଞାନ ଓ କୌଶଳ ପାଇଁ ବିନିଯୋଗ କରିଥାନ୍ତି। ଆପଣ ମାନେ ମାନବସମ୍ବଳ ପରିଚାଳନା ସହିତ ଆର୍ଥିକ ଓ ସାମଗ୍ରୀ ସମ୍ବଳର ପରିଚାଳନା ପାଇଁ ମଧ୍ୟ ଦାୟୀ ଅଟନ୍ତି। ସେଗୁଡିକ ଯେପରି ଉପଯୁକ୍ତ, ଗ୍ରହଣଯୋଗ୍ୟ ଓ ଫଳପ୍ରଦଭାବେ ପିଲାଙ୍କ ଶିକ୍ଷଣରେ ଉନ୍ନତି ଆଣିବା ପାଇଁ ବ୍ୟବହାର କରିହେବ ସେଥିପାଇଁ ଆପଣ ନିଶ୍ଚିତ କରିବେ।

ଭାରତର ଅବସ୍ଥିତ ବିଦ୍ୟାଳୟମାନଙ୍କରେ ବହୁ ପରିମାଣରେ ଭିନ୍ନତା ପରିଲିକ୍ଷିତ ହୋଇଥାଏ। ଏହି ଭିନ୍ନତା ଶିକ୍ଷାର୍ଥୀମାନଙ୍କର ପରିବେଶ, ଜଳବାୟୁ, ଭୌଗଳିକ ଅବସ୍ଥିତି ଠାରୁ ଆରମ୍ଭ କରି ଭାଷା ଓ ସଂସ୍କୃତି ଯାଏ ବ୍ୟାପିଥାଏ। ଏଭଳି ଭିନ୍ନତା ଗ୍ରାମାଞ୍ଚଳରେ ଜଣେ ଶିକ୍ଷକ ବହୁଶ୍ରେଣୀ ପରିଚାଳନା କରୁଥିବା ଓ କମ୍ ସଂଖ୍ୟକ ଶିକ୍ଷାର୍ଥୀ ପଢୁଥିବା ବିଦ୍ୟାଳୟରେ ମଧ୍ୟ ଦେଖାଯାଏ କିମ୍ବା ସହରାଞ୍ଚଳରେ ଯେଉଁଠି ହଜାର ସଂଖ୍ୟକ ଶିକ୍ଷାର୍ଥୀ ପଢୁଥିବା ଓ ବହୁ ଶିକ୍ଷକଥିବେ ସେଠି ମଧ୍ୟ ଏପରି ଭିନ୍ନତା ଦେଖାଯାଏ। ଶିକ୍ଷାର୍ଥୀମାନେ ହୁଏତ ବିଦ୍ୟାଳୟ ବାହାରେ ଉପଲବ୍ଧ ଥିବା ଅନେକ ପ୍ରକାରର ସମ୍ବଳ ବିଷୟରେ ଜାଣିଥିବେ କିନ୍ତୁ ଶିକ୍ଷାର୍ଥୀଙ୍କର ଶିକ୍ଷଣ ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଦ୍ୟାଳୟରେ ଉପଲବ୍ଧ ସମ୍ବଳକୁ ଯେପରି ପ୍ରତ୍ୟେକ ସମାନ ଭାବରେ ବ୍ୟବହାର କରିବାର ସୁଯୋଗ ପାଇବେ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ।



ଚିତ୍ର ୧: ଶିକ୍ଷଣ ସମ୍ବଳଗୁଡିକୁ ସମାନଭାବେ ଉପଲବ୍ଧ କରାଇବାର ଆହ୍ୱାନ

ଅଧିକାଂଶ ବିଦ୍ୟାଳୟରେ ଶିକ୍ଷଣ ପାଇଁ ଭୌତିକ ସମ୍ବଳ କମ୍ ପରିମାଣରେ ଦେଖାଯାଏ କିନ୍ତୁ ଥରେ ଯଦି ମାନସିକତାକୁ ବଦଳାଇଲେ ଦେଖିବେ ଯେ ଆପଣଙ୍କ ପାଖରେ ଥିବା ବ୍ୟକ୍ତି, ନିକଟ ପରିବେଶ ଓ ତା' ବ୍ୟତୀତ ଗୋଷ୍ଠୀରେ ଉପଲବ୍ଧ ସାମଗ୍ରୀଗୁଡ଼ିକ ଶିକ୍ଷଣର ସମ୍ବଳଭାବେ ଆପଣଙ୍କ ପାଖରେ ଉପଲବ୍ଧ।

ବିଦ୍ୟାଳୟର ମୁଖ୍ୟ ଓ ଶିକ୍ଷକମାନେ ଶିକ୍ଷଣ ସମ୍ବଳଗୁଡିକୁ ବ୍ୟାପକ ଭାବରେ ଆପଣେଇବାର ଆବଶ୍ୟକତା ଅଛି କାରଣ ଏହା ଶିକ୍ଷକ ଓ ଶିକ୍ଷାର୍ଥୀ ଉଭୟଙ୍କର ଶିକ୍ଷାଦାନ ଓ ଶିକ୍ଷଣରେ ଅଭିବୃଦ୍ଧି କରିବାରେ ସମର୍ଥ କରାଇବ।

ଏହି ଏକକ ଶିକ୍ଷଣ ସାମଗ୍ରୀ ଗଠନ ସମ୍ପର୍କରେ ଆପଣଙ୍କର ଧାରଣକୁ ବ୍ୟାପକ କରିବାରେ ସାହାଯ୍ୟ କରିବ। ଆପଣଙ୍କୁ ଶିକ୍ଷଣ ସାମଗ୍ରୀର ସର୍ବାଧିକ ବିନିଯୋଗକୁ ସୁନିଶ୍ଚିତ କରିବା ପାଇଁ ଅନୁସନ୍ଧାନ କରିବା ପାଇଁ ପ୍ରେରଣା ଯୋଗାଇବ।

### ଶିକ୍ଷଣ ଡାଏରୀ

ଏହି ଏକକରେ କାମ କରୁଥିବା ବେଳେ ଆପଣଙ୍କ ମନକୁ ଆସୁଥିବା ଭାବନା ଓ ଯୋଜନାକୁ ଏକତ୍ରିତ କରି ନିଜ ଶିକ୍ଷଣ ଡାଏରୀ ବା ଖାତାରେ ଟିପି କରି ରଖିବାକୁ କୁହାଯିବ। ବୋଧହୁଏ ଆପଣ କାମଟିକୁ ଆରମ୍ଭ କରିସାରିଥିବେ।

ଆପଣ ଏହି ଏକକରେ ହୁଏତ ଏକୁଟିଆ କାମ କରୁଥାଇପାରନ୍ତି। କାମ କରିବା ସମୟରେ ଆପଣ ହାସଲ କରିଥିବା ଅନୁଭୂତି ଅନ୍ୟ ବିଦ୍ୟାଳୟର ମୁଖ୍ୟଙ୍କ ସହ ମଧ୍ୟ ଆଲୋଚନା କରନ୍ତୁ। ଲକ୍ଷ୍ୟ କରିବେ ଯେ ଆପଣ ଆହୁରି ଅଧିକ ଶିଖୁଛନ୍ତି। ଆପଣଙ୍କ ସହ କାମ କରୁଥିବା ସହକର୍ମୀମାନଙ୍କ ସହିତ ମଧ୍ୟ ଆଲୋଚନା କରିପାରିବେ। ଯାହା ସହିତ ଆପଣ ନୂତନ ଭାବରେ ସମ୍ପର୍କ ସ୍ଥାପନ କରିଛନ୍ତି ସେମାନେଙ୍କ ସହ ମଧ୍ୟ ଆଲୋଚନା କରିପାରିବେ। ଏହି କାମକୁ ସଂଗଠିତ ଭାବରେ ବା ଅନୌପଚାରିକ ଢ଼ଙ୍ଗରେ କରାଯାଇପାରେ। ନିଜ ଡାଏରୀରେ ଟିପି ରଖିଥିବା ବିବରଣୀ ବୈଠକରେ ଦୀର୍ଘମିଆଦି ଶିକ୍ଷଣ ବିକାଶର ନକ୍ସା ପ୍ରସ୍ତୁତି ବେଳେ ବା ଆଲୋଚନା ସମୟରେ ବ୍ୟବହାର କରାଯାଇପାରେ।

## ଏହି ଏକକରୁ ବିଦ୍ୟାଳୟ ମୁଖ୍ୟ କ'ଣ ଶିଖିପାରିବେ


- ବିଦ୍ୟାଳୟ ଭିତରେ ଓ ବାହାର ପରିସରରେ ଉପଲବ୍ଧ ସମ୍ବଳକୁ ବୁଝିବା।
- ବିଦ୍ୟାଳୟ ଭିତରେ ଥିବା ବିଭିନ୍ନ ସମ୍ବଳକୁ ଚିହ୍ନଟ କରିବା ଏବଂ ଯେଉଁଗୁଡିକର ବ୍ୟବହାର କମ୍ ହେଉଛି ସେଗୁଡିକ ପ୍ରତି ଧ୍ୟାନ ଦେବା।
- ସହକର୍ମୀମାନଙ୍କୁ ନିଯୋଜିତ କରି ସମ୍ବଳଗୁଡ଼ିକର ଫଳପ୍ରଦ ବ୍ୟବହାରକୁ ନିଶ୍ଚିତ କରିବା।
- ନିଜ ବିଦ୍ୟାଳୟରେ ସମ୍ବଳର ଫଳପ୍ରଦ ଉପଯୋଗ ପାଇଁ ଯୋଜନା ପ୍ରସ୍ତୁତ କରିବା।

## ୧ ଆପଣଙ୍କ ବିଦ୍ୟାଳୟ ଭିତରେ ଓ ବାହାର ବିଭିନ୍ନ ପ୍ରକାରର ସମ୍ବଳସମୂହ

ବିଦ୍ୟାଳୟ ଭିତର ଓ ବାହାରର କୌଣସି ବି ସମ୍ବଳକୁ ଆମେ ଶିକ୍ଷଣର ସମ୍ବଳ ଭାବେ ପରିଣତ କରିପାରିବା ଯେଉଁଠାରେ ଆଲୋଚନା, ତୁଳନାତ୍ମକ କାମ ବା ପରୀକ୍ଷଣ ମାଧ୍ୟମରେ ଏହା ଶିକ୍ଷଣର ଗାଡି ସଦୃଶ କାମ କରେ। ଯଦିଓ ସମ୍ବଳର ଉପଲବ୍ଧି ପାଇଁ ଅର୍ଥର ଆବଶ୍ୟକତା ଥାଏ। କେତେକ ସମ୍ବଳ ପାଇଁ ଖର୍ଚ୍ଚ ଦରକାର ତେଣୁ ଅର୍ଥ କେଉଁଠୁ ଆସିବ ଖୋଜିବାକୁ ପଡ଼େ। କିନ୍ତୁ ବାକି ସବୁତକ ମୁକ୍ତଭାବରେ ମିଳିଥାଏ ଯଦି ଆମେ ସେଗୁଡିକୁ ଚିହ୍ନଟ କରିପାରିବା।

ସାରଣୀ-୧ ରେ ବିଦ୍ୟାଳୟରେ ଶିକ୍ଷଣ ପରିବେଶ ଅଭିବୃଦ୍ଧି ପାଇଁ ବ୍ୟବହୃତ ହେଉଥିବା ବିଭିନ୍ନ ଶ୍ରେଣୀ ବିଭାଗର ସମ୍ବଳ ବିଷୟରେ ଦିଆଯାଇଛି। ପୂର୍ବରୁ ହୁଏତ ଆପଣ ଏଗୁଡିକୁ ସମ୍ବଳ ଭାବରେ ଚିନ୍ତା କରି ନ ଥିବେ। ନିମ୍ନରେ ଦିଆଯାଇଥିବା କାର୍ଯ୍ୟରୁ ଆପଣଙ୍କ ବିଦ୍ୟାଳୟ ପାଇଁ କ'ଣ ସବୁ ସମ୍ବଳ ଉପଲବ୍ଧ ହୋଇପାରେ ସେଗୁଡିକୁ ସମୀକ୍ଷା କରନ୍ତୁ।

***ସାରଣୀ ୧:*** *ସମ୍ବଳର ଶ୍ରେଣୀବିଭାଗ*

| | |
|---|---|
|  | ଶ୍ରେଣୀ ବିଭାଗ-୧ : ମାନବ ଜାତି - ଶିକ୍ଷକ, ଶିକ୍ଷାର୍ଥୀ, ମାତାପିତା, ଅଣଶୈକ୍ଷିକ, କର୍ମଚାରୀ, ପୁରାତନ ଶିକ୍ଷାର୍ଥୀ, ଅନ୍ୟ ବିଦ୍ୟାଳୟର ସହକର୍ମୀ, ପଡୋଶୀ, ଗୋଷ୍ଠୀରେ ଥିବା ବିଷାରଦ ଇତ୍ୟାଦି। |
|  | ଶ୍ରେଣୀ ବିଭାଗ -୨ ଜୀବିତ ବସ୍ତୁ |

| | |
|---|---|
|  | ଶ୍ରେଣୀ ବିଭାଗ-୩: ଭିତରରେ ଥିବା ସ୍ଥାନ ଯଥା: ଶ୍ରେଣୀ କୋଠରୀ, ଗାଧୁଆ ଘର, ରୋଷେଇ ଘର, କାର୍ଯ୍ୟାଳୟ, ବାରଣ୍ଡା ଓ ପରୀକ୍ଷାଗାର: ବାହାର ସ୍ଥାନ, ଉତ୍ତାପ, କୋଳାହଳ, ଆଲୋକ ଇତ୍ୟାଦି |
|  | ଶ୍ରେଣୀ ବିଭାଗ-୪ : ଚୌକି, ଡେସ୍କ, କଳାପଟା ଇତ୍ୟାଦି |
|  | ଶ୍ରେଣୀ ବିଭାଗ-୫: ସ୍ଥାନୀୟ ପରିବେଶ - ସହରାଞ୍ଚଳ, ଗ୍ରାମାଞ୍ଚଳ, ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ, ପାର୍ବତ୍ୟ ଅଞ୍ଚଳ, ଜଳବାୟୁ, ନଦୀ, କଳକାରଖାନା, ଜମି ଇତ୍ୟାଦି। |
|  | ଶ୍ରେଣୀ ବିଭାଗ-୬ : ସାମଗ୍ରୀ-ବହି, ଲିଖନ ସାମଗ୍ରୀ, ପୋଷ୍ଟର, ମାନଚିତ୍ର ଖେଳ, ଗଣିତ ସରଞ୍ଜାମ, ପରୀକ୍ଷାର ଯନ୍ତ୍ରପାତି, କମ୍ପ୍ୟୁଟର, ମୋବାଇଲ ଫୋନ, କଳା ସାମଗ୍ରୀ, ଟେଲିଭିଜନ, ବିଷୟ ସମ୍ପର୍କିତ ସମ୍ବଳ ଇତ୍ୟାଦି। |


ଶିକ୍ଷା ଅଧିକାର ଅଧିନିୟମ-୨୦୦୯ ଅନ୍ତର୍ଗତ "ବିଦ୍ୟାଳୟ ପାଇଁ ସୁଚିତ ରୀତି ଓ ମାନ"ର ଆଧାରରେ ବିଦ୍ୟାଳୟରେ ଉପଲବ୍ଧ ଥିବା ସମ୍ବଳ ଓ ପ୍ରମୁଖ ଲକ୍ଷଣ ସମ୍ପର୍କରେ ଦର୍ଶାଯାଇଛି ଯଥା: ଶିକ୍ଷକ, କୋଠାବାଡ଼ି, କାର୍ଯ୍ୟ ଦିବସ, ଶିକ୍ଷଣ ସମୟ, ପ୍ରତି ସପ୍ତାହରେ ଶିକ୍ଷକଙ୍କର କାର୍ଯ୍ୟ ନିର୍ଘଣ୍ଟ ଶିକ୍ଷଣ ସାମଗ୍ରୀ, ପାଠାଗାର, ଖେଳ ଉପକରଣ ସମ୍ବନ୍ଧରେ ଦେଖିବା ଗୁରୁତ୍ୱପୂର୍ଣ୍ଣ।

## ଶିକ୍ଷଣକାର୍ଯ୍ୟ-୧ : କେଉଁ ସବୁ ସମ୍ବଳ ଉପଲବ୍ଧ ଅଟେ ?

ଆପଣ ପରିଚିତ ଥିବା ବିଦ୍ୟାଳୟ ପାଠ୍ୟକ୍ରମ ମଧ୍ୟରୁ ଯେ କୌଣସି ଗୋଟିଏ ପ୍ରସଙ୍ଗକୁ ନିଜ ଇଚ୍ଛା ମୁତାବକ ବାଛନ୍ତୁ (ଉଦାହରଣ ସ୍ୱରୂପ ଯେଉଁ ପ୍ରସଙ୍ଗ ପଢ଼େଇ ସାରିଛନ୍ତି) ନିଜେ ପଢ଼େଇ କରି ବା ଅନ୍ୟ ସହକର୍ମୀ ପଢ଼ାଉଥିଲାବେଳେ ପର୍ଯ୍ୟବେକ୍ଷଣ କରି, ଆପଣଙ୍କର ବୁଝାମଣା ଏ ପ୍ରସଙ୍ଗରେ କିଛି ଥାଇପାରେ। ଆଦର୍ଶ ଭାବରେ ସହକର୍ମୀଙ୍କ ସହ ମିଶି କାମ କରି ବା ଯେଉଁମାନେ ସେହି ବିଷୟକୁ ବା ପ୍ରସଙ୍ଗକୁ ପଢ଼ାଉଛନ୍ତି। ସେମାନଙ୍କ ସହ ମିଶି କାମ କଲେ ସେମାନେ ସମ୍ବଳ ସମ୍ପର୍କିତ ସମସ୍ୟା ବାବଦରେ ଅଧିକ ଜ୍ଞାନ ଆପଣଙ୍କୁ ଦେଇପାରନ୍ତି। କାର୍ଯ୍ୟକୁ ଆପଣଙ୍କ ସହ ମିଶି ସମ୍ପାଦନ କରିବା ପାଇଁ ସହକର୍ମୀମାନେ ଗୋଟିଏ କାର୍ଯ୍ୟକାରୀ ଦଳ ଗଠନ କରିପାରନ୍ତି।

- ସାରଣୀ-୧ ରେ ଦିଆଯାଇଥିବା ସମ୍ବଳର ଶ୍ରେଣୀ ବିଭାଗକୁ ବ୍ୟବହାର କରି ଆମେ ବର୍ତ୍ତମାନ ଉପଲବ୍ଧ ସମ୍ବଳଗୁଡ଼ିକୁ ଚିହ୍ନଟ କରିବା ଯାହା ଶିକ୍ଷଣରେ ସହାୟତା ପ୍ରଦାନ କରିବ। ନିମ୍ନରେ ଦିଆଯାଇଥିବା ଉଦାହରଣ ସ୍ୱରୂପ, ସମ୍ବଳଗୁଡ଼ିକୁ ଚିହ୍ନଟ କରି ବିଦ୍ୟାଳୟ ଭିତରେ/ବାହାରେ ଉପଲବ୍ଧ ସେହି ଦୃଷ୍ଟିରୁ ଶ୍ରେଣୀଭୁକ୍ତ କରିବା। ସାରଣୀ-୨ ରେ ବିଭିନ୍ନ ଶ୍ରେଣୀ ସମ୍ବଳର ଉଦାହରଣ ଦିଆଯାଇଛି (ଶ୍ରେଣୀ ବିଭାଗର ସଂଖ୍ୟା ଦିଆଯାଇଛି) ପ୍ରତୀଟି ସମ୍ବଳକୁ ତାହା ବିଦ୍ୟାଳୟ ଭିତରେ ନା ବିଦ୍ୟାଳୟ ବାହାରେ ଅଛି ଚିହ୍ନଟ କରନ୍ତୁ।

ସାରଣୀ-୨ ଉଦାହାରଣ ସ୍ୱରୂପ : କେଉଁ ସବୁ ସମ୍ବଳ ବିଦ୍ୟାଳୟ ଭିତରେ ଓ ବାହାରେ ଅଛି ଚିହ୍ନଟ କରିବା।

| ସମ୍ବଳ | | ବିଦ୍ୟାଳୟରେ ଓ ହତା ଭିତରେ ଉପଲବ୍ଧ | ବିଦ୍ୟାଳୟ ବାହାରେ ଉପଲବ୍ଧ |
|---|---|---|---|
|  | **ବିଭାଗ-୧ ମଣିଷ**<br>ପାଖରେ ଥିବା ଦୋକାନୀ | | |
|  | ବିଭାଗ-୨ : ଜୀବଜଗତ<br>ପନିପରିବା ସ୍ଥାନ ଏବଂ ଆମ୍ବ ଗଛ | | |

| | | | |
|---|---|---|---|
|  | ବିଭାଗ-୩: ବିଦ୍ୟାଳୟ ପରିବେଶ<br>ଖେଳପଡିଆ | | |
|  | ବିଭାଗ-୪: ବିଦ୍ୟାଳୟ ପରିବେଶ<br>ପ୍ରତି ଶ୍ରେଣୀରେ କଳାପଟା | | |
|  | ବିଭାଗ-୫: ସ୍ଥାନୀୟ ପରିବେଶ<br>ନଦୀ | | |
|  | ବିଭାଗ-୬: ସାମଗ୍ରୀ<br>ଇଣ୍ଟରନେଟ କେଫ | | |

- ବର୍ତ୍ତମାନ ଚିନ୍ତା କରନ୍ତୁ, ଏହି ବିଷୟ ବା ପ୍ରସଙ୍ଗ ପଢ଼ାଇବା ପାଇଁ ଆପଣ କେଉଁ ସବୁ ସମ୍ବଳ ସମ୍ଭବତଃ ବ୍ୟବହାର କରିପାରିବେ କିନ୍ତୁ ବର୍ତ୍ତମାନ ବ୍ୟବହାର କରୁନାହାନ୍ତି। ଏହି ବିଷୟ ପଢ଼ାଇବା ପାଇଁ ମାନବ ଓ ସାମଗ୍ରୀ ସମ୍ବଳକୁ କିପରି ବ୍ୟବହାର କରିବେ ସେଥିପ୍ରତି ଯତ୍ନଶୀଳ ହୁଅନ୍ତୁ। (ଯଥା: ଏହି ଶିକ୍ଷଣରେ ଫଳପ୍ରଦ ଭାବେ ଯଦି କୌଣସି ସହକର୍ମୀ, ଶିକ୍ଷାର୍ଥୀ ବା ମାତାପିତା ସହଯୋଗ କରିପାରିବେ ସେ ବିଷୟରେ ଚିନ୍ତା କରନ୍ତୁ)।
- ଯେତେବେଳେ ଆପଣ ସାରଣୀର କାମ ସଂପୂର୍ଣ୍ଣ କରିବେ ତାପରେ ସମ୍ବଳଗୁଡ଼ିକୁ ପୁନର୍ବାର ଦେଖନ୍ତୁ ଏବଂ ସେଥିମଧ୍ୟରୁ ଏମିତି ଦୁଇଗୋଟି ସମ୍ବଳକୁ ଚିହ୍ନଟ କରନ୍ତୁ ଯେଉଁଥିରେ ଶିକ୍ଷାର୍ଥୀମାନଙ୍କର ପ୍ରବେଶ ନଥିବ। ଆପଣ ମନେରଖିବା ପାଇଁ ସେହି ସ୍ଥାନରେ ଗୋଟିଏ ତାରକା ଚିହ୍ନ ଦିଅନ୍ତୁ। ଉଦାହରଣ ସ୍ୱରୂପ ଏମିତି ବି ହୋଇପାରେ ଯେ, ଶ୍ରେଣୀ କୋଠରୀରେ ଥିବା କଳାପଟା ଗୁଡ଼ିକ ଏତେ ଉଚ୍ଚରେ ଥାଏ ଯେ ଉଚ୍ଚତାରେ ସାନ ଥିବା ଶିକ୍ଷାର୍ଥୀମାନେ ସେଥିରେ ଲେଖିପାରନ୍ତି ନାହିଁ। କିମ୍ବା ନଦୀକୂଳରେ କେବଳ ପୁଅଶିକ୍ଷାର୍ଥୀମାନେ ସେଥିରେ ଖେଳିବା କଥାଟିଏ ହୋଇପାରେ। ଆପଣ ଚିହ୍ନଟ କରୁଥିବା ଯେ କୌଣସି ଅସମାନତାକୁ ନିଜ ଶିକ୍ଷଣ ଡାଏରୀରେ ଟିପିକରି ରଖନ୍ତୁ ଓ ସ୍ଥଳଗୁଡ଼ିକୁ ଆପଣ କିପରି ବ୍ୟବହାର କରିବେ ତା ବାବଦରେ ଚିନ୍ତା କରନ୍ତୁ।
- ପରିଶେଷରେ ଆପଣ ପ୍ରସ୍ତୁତ କରିଥିବା ତାଲିକାକୁ ପୁନର୍ବାର ଦେଖନ୍ତୁ ଏବଂ ଯେଉଁ ସମ୍ବଳଗୁଡ଼ିକ ମୁକ୍ତ ଓ ସ୍ୱଚ୍ଛନ୍ଦରେ ମିଳୁଛି (☺ଏଭଳି ଚିହ୍ନ ଦିଅନ୍ତୁ) ଏବଂ ଯେଉଁ ସମ୍ବଳ ଗୁଡ଼ିକ ପାଇଁ ଅର୍ଥ ଦରକାର ସେଗୁଡ଼ିକୁ (Rs/-) ଦ୍ୱାରା ସୁଚିତ କରନ୍ତୁ।

## ଆଲୋଚନା

ସମନ୍ୱିତ ଶିକ୍ଷଣ ପାଇଁ ବିଦ୍ୟାଳୟ ସମ୍ବଳକୁ ପରିଚାଳନା କରିବା ଗୁରୁତ୍ୱପୂର୍ଣ୍ଣ ଅଟେ। ଆପଣ ଚିହ୍ନିଟ କରି ବର୍ତ୍ତମାନ ବ୍ୟବହାର କରୁଥିବା ସମ୍ବଳଗୁଡ଼ିକ ଅନ୍ୟ କେତେ ପ୍ରକାରରେ ବ୍ୟବହାର କରାଯାଇପାରିବ ଚିନ୍ତା କରନ୍ତୁ।

ଆପଣ ହୁଏତ ଅନ୍ୟାନ୍ୟ ସମ୍ବଳ ଅପେକ୍ଷା କେତେକ ସମ୍ବଳଗୁଡ଼ିକୁ ଫଳପ୍ରଦ ଭାବେ ବ୍ୟବହାର କରିବା ପାଇଁ ଚିହ୍ନଟ କରିଥିବେ। ଦେଖିବେ ଯେ ଯେଉଁ କେତେକ ସମ୍ବଳ ବିଷୟରେ ଆପଣ ଜମା ଚିନ୍ତା କରିନାହାଁନ୍ତି ସେଗୁଡ଼ିକ ସମ୍ବଳ। ଏହି ଉପଯୋଗୀ ତାଲିକାକୁ ଆପଣ ପ୍ରଶିକ୍ଷଣ ପେଟିକାରେ ବ୍ୟବହାର କରିବେ। ଏହି ତାଲିକା ଆପଣଙ୍କୁ କାମ କରିବାରେ ସାହାଯ୍ୟ କରିପାରେ। ସେମାନଙ୍କର ସମ୍ବଳର ବ୍ୟବହାରକୁ ନେଇ ଆପଣ ଯେତେବେଳେ ଏକ ନିର୍ଦ୍ଦିଷ୍ଟ ଭାବରେ ଜଣେ ସହକର୍ମୀଙ୍କ ସହ କାମ କରିବେ ସେତେବେଳେ ଆପଣଙ୍କର ବୁଝାମଣାର ବିକାଶ ହେବ।

ସବୁ ଶିକ୍ଷାର୍ଥୀଙ୍କର ସମ୍ବଳ ଉପରେ ସମାନ ଭାବରେ ପ୍ରବେଶ ନ ଥାଏ ଏକଥା ହୁଏତ ଆପଣ ଚିହ୍ନଟ କରିବା ଅରମ୍ଭ କରିସାରିବେଣି। ଏହି ଅସମାନତାର କାରଣ ଗୁଡ଼ିକ ହେଉଛି ଯଥା: ପୁଅ-ଝିଅ ମଧ୍ୟରେ ଭେଦଭାବ, ଆୟ, ଘରର ଅବସ୍ଥିତି, ଆକାର, ଭୌତିକ ସୁବିଧା

ସୁଯୋଗ ଓ ଶାରିରୀକ ସାମର୍ଥ୍ୟ ବା ଅନ୍ୟ କିଛି। ସମସ୍ତଙ୍କ ପାଖରେ ଉପଲବ୍ଧ ଥିବା ସମ୍ବଳ ଗୁଡିକୁ ବ୍ୟବହାର କରିବା ଓ ପ୍ରତିକୂଳ ଅବସ୍ଥାରେ ରହୁଥିବା ଶିକ୍ଷାର୍ଥୀମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା ଯୋଗାଇଦେବା ଗୁରୁତ୍ୱପୂର୍ଣ୍ଣ ଅଟେ। ଉଦାହରଣ ସ୍ୱରୂପ, ସାଧାରଣ ଭାବରେ ଦେଖାଯାଏ ଯେ ପୁଅଶିକ୍ଷାର୍ଥୀମାନେ କମ୍ପୁଟରକୁ ଝିଙ୍କି ନେଇଥାନ୍ତି। ଝିଅ ଶିକ୍ଷାର୍ଥୀମାନେ କମ୍ପୁଟରକୁ ବ୍ୟବହାର କରିବା ପାଇଁ ଶିକ୍ଷକ ସମୟ ନିର୍ଦ୍ଧାରଣ କରିବେ ଏବଂ କମ୍ପୁଟରକୁ ଉଭୟ ସମାନ ଭାବରେ ବ୍ୟବହାର କରିବା ପାଇଁ ଦାୟିତ୍ୱ ନେବେ। ଶିକ୍ଷକ ସେଥିପାଇଁ ପ୍ରେରଣା ଦେବେ। ଏଭଳି ଭାବରେ ସମାଧାନ କଲେ ଝିଅ ପୁଅ ମଧ୍ୟରେ ଦେଖାଯାଉଥିବା ଭେଦଭାବ ଦୂର ହେବ।

ସମ୍ବଳଗୁଡ଼ିକ ପାଇଁ ପାଣ୍ଠି ଏକ ସମସ୍ୟା ହୋଇପାରେ। ଅଧିକାଂଶ ବିଦ୍ୟାଳୟରେ ସମ୍ବଳ ପାଇଁ ଖର୍ଚ୍ଚ କରିବାକୁ ପାଣ୍ଠିର ଅଭାବ ଦେଖାଯାଏ। ତେଣୁ ମୁକ୍ତ ଓ ସ୍ୱଚ୍ଛନ୍ଦ ଭାବରେ ମିଳୁଥିବା ସମ୍ବଳ ଗୁଡିକୁ ଗୁରୁତ୍ୱ ଦେଇ ଧ୍ୟାନ ସହ ଦେଖିବା ଜରୁରୀ ଅଟେ (ମାନବ ଏବଂ ସାମଗ୍ରୀ ସମ୍ବଳ)। ସମ୍ବଳ ଗୁଡିକ କିଣିବା ପାଇଁ ପାଣ୍ଠି ଯୋଗାଡ କରିବା ଏକ ସହଜ କାମ ହୋଇପାରେ। ପାଣ୍ଠି ଦେଉଥିବା ବ୍ୟକ୍ତିଙ୍କୁ ସମ୍ବଳର ଉଦ୍ଦେଶ୍ୟ ଓ ଶିକ୍ଷଣରେ ତାହାର ପ୍ରଭାବକୁ ବୁଝାଇଏ ପାରିଲେ ସେ ସହାୟରେ ଅର୍ଥ ଦେବାପାଇଁ ରାଜି ହେବେ (ବିଭାଗ-୫ କୁ ଦେଖନ୍ତୁ)।

## ୨ ବିଦ୍ୟାଳୟ ଭିତରେ ଓ ବାହାରେ ଥିବା କାମ ଉପଯୋଗୀ ସମ୍ବଳର ଚିହ୍ନଟ।

ଆପଣ କେତେକ ଶିକ୍ଷଣ ସମ୍ବଳକୁ ଚିହ୍ନଟ କରିଛନ୍ତି ଯାହାର ପ୍ରଭାବ ଶିକ୍ଷଣରେ ଅଧିକ ପରିମାଣରେ ଦେଖାଯାଏ। ବର୍ତ୍ତମାନ ଲକ୍ଷ୍ୟ କରନ୍ତୁ ସେ ଉପଲବ୍ଧ ସମ୍ବଳଗୁଡିକୁ ଆପଣଙ୍କର ସହକର୍ମୀ ମାନେ କେତେ ଭଲ ଭାବରେ ବ୍ୟବହାର କରୁଛନ୍ତି। ଆପଣଙ୍କ ବିଦ୍ୟାଳୟର ପ୍ରତି ଶ୍ରେଣୀ କୋଠରୀରେ କଳାପଟା ଥାଇପାରେ। ଶିକ୍ଷାର୍ଥୀଙ୍କୁ ସକ୍ରିୟ କରିବା ପାଇଁ ଆପଣ କେତେ ଥର ଓ କେତେ ଭଲ ଭାବରେ କଳାପଟାକୁ ବ୍ୟବହାର କରିଥାନ୍ତି। ସମ୍ଭବତଃ ସେମାନେ ବ୍ୟବହାର କରୁଥାଇ ନ ପାରନ୍ତି କାରଣ କଳାପଟାରେ ଲାଗିଥିବା କଳାରଙ୍ଗ ଏତେ ନଷ୍ଟ ହୋଇଥାଏ ଯେ, ଲେଖା ଗୁଡିକ ଦେଖାଯାଏ ନାହିଁ ଏବଂ ଶ୍ରେଣୀ ପଛରେ ବସିଥିବା ଶିକ୍ଷାର୍ଥୀମାନେ ମଧ୍ୟ ଦେଖି ପାରନ୍ତି ନାହିଁ। ଆପଣ ସହକର୍ମୀମାନଙ୍କ ସହ ମିଳିତ ଭାବରେ କାମ କରି କିପରି ବିଭିନ୍ନ ପ୍ରକାର ସମ୍ବଳ ଗୁଡିକର ପ୍ରକୃତ ବ୍ୟବହାରକୁ ଚିହ୍ନଟ କରିବା ପାଇଁ ଚାହିଁ ପାରନ୍ତି।

### ଶିକ୍ଷଣକାର୍ଯ୍ୟ ୨ : ସମ୍ବଳଗୁଡ଼ିକ ପ୍ରକୃତରେ କେତେ ବ୍ୟବହୃତ ହେଉଛି ?

ଶିକ୍ଷଣକାର୍ଯ୍ୟ-୧ରେ ଚିହ୍ନଟ କରିଥିବା ସମ୍ବଳ ଗୁଡିକର ତାଲିକାକୁ ବ୍ୟବହାର କରି ଚିନ୍ତା କରନ୍ତୁ ଯେ ସମ୍ବଳଗୁଡ଼ିକ କିପରି ଫଳପ୍ରଦ ଭାବେ ଶିକ୍ଷଣକୁ ସହାୟତା ପ୍ରଦାନ କରୁଛି। ଏହି ଦୃଷ୍ଟିରୁ ଆପଣ ପ୍ରତି ସମ୍ବଳକୁ ନିମ୍ନରେ ଦିଆଯାଇଥିବା ଗ୍ରେଡ ଦ୍ୱାରା ଶ୍ରେଣୀଭୁକ୍ତ କରନ୍ତୁ।

- କ. କ୍ରିୟାଶୀଳ ଶିକ୍ଷଣରେ ଅଧିକ ପ୍ରଭାବ ପକାଉଥିବ।
- ଖ. କ୍ରିୟାଶୀଳ ଶିକ୍ଷଣରେ ଆଂଶିକ ଭାବରେ ପ୍ରଭାବ ପକାଉଥିବ କିନ୍ତୁ ଯେତିକି ବ୍ୟବହାର ହେବା ଉଚିତ ସେତିକି ପରିମାଣରେ ବ୍ୟବହାର ହେଉନଥିବ।
- ଗ. କ୍ରିୟାଶୀଳ ଶିକ୍ଷଣକୁ ସହାୟତା ଦେବା ପାଇଁ ଆଂଶିକ ଭାବରେ ବ୍ୟବହୃତ ହେଉଥିବ କିମ୍ବା ସର୍ବଦା ଫଳପ୍ରଦ ଭାବେ ବ୍ୟବହୃତ ହେଉନଥିବ ବା ସମ୍ପୂର୍ଣ୍ଣ ଭାବରେ ବିନିଯୋଗର ଅଭାବ ବା କେବଳ କେତେକ ଶିକ୍ଷାର୍ଥୀଙ୍କ ପାଖରେ ବ୍ୟବହାର ହେଉଥିବ।
- ଘ. କ୍ରିୟାଶୀଳ ଶିକ୍ଷଣରେ ଜମା ପ୍ରଭାବ ପକାଉନଥିବ ବା ବ୍ୟବହାର ହେଉନଥିବ।

ପୁଣିଥରେ ବିଭିନ୍ନ ପ୍ରକାର ସାମଗ୍ରୀକୁ ଶ୍ରେଣୀଭୁକ୍ତ କରିବା ପାଇଁ ବିଚାର କରିବା ସମୟରେ ଆପଣ ଅନ୍ୟମାନଙ୍କର ଯଥା: ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ, ଶିକ୍ଷାର୍ଥୀ ଓ ମାତାପିତାଙ୍କର ସାହାଯ୍ୟ ନେବାର ଦରକାର ପଡିପାରେ।

ବିଭିନ୍ନ ପ୍ରକାରର ସମ୍ବଳକୁ ଶ୍ରେଣୀଭୁକ୍ତ କରିବା ପାଇଁ ଆପଣ ଅନ୍ୟମାନଙ୍କର ସାହାଯ୍ୟ ଆବଶ୍ୟକ କରିପାରନ୍ତି । କଳାପଟାର ବ୍ୟବହାର ସମ୍ପର୍କରେ ନିଷ୍ପତ୍ତି ନେବାକୁ ହେଲେ ଆପଣ ଅନ୍ୟମାନଙ୍କର ଶ୍ରେଣୀକୁ ପର୍ଯ୍ୟବେକ୍ଷଣ କରିବା ଦରକାର ହୋଇଥାଏ । ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କ ସହ ଆଲୋଚନା ମାଧ୍ୟମରେ ମଧ୍ୟ ଆପଣ କଳାପଟାର ବ୍ୟବହାର ଓ ଶିକ୍ଷଣରେ ତାହାର ପ୍ରଭାବ ସମ୍ପର୍କରେ ଜାଣି ପାରିବେ ।

## ୩ ଶିକ୍ଷଣ ପାଇଁ ସମ୍ବଳଗୁଡ଼ିକର ସର୍ବାଧିକ ବ୍ୟବହାର

ବର୍ତ୍ତମାନ ଆପଣ ଖ ଓ ଗ ଶ୍ରେଣୀଭୁକ୍ତ ସମ୍ବଳ ଗୁଡିକର ବ୍ୟବହାରରେ କିପରି ଉନ୍ନତି ଆଣିବେ, ସେଥିପ୍ରତି ଧ୍ୟାନ ଦେବେ । ପୂର୍ବରୁ ଚିହ୍ନଟ ହୋଇନଥିବା ସମ୍ବଳଗୁଡିକ ଆପଣ ବିଦ୍ୟାଳୟରେ ଶିକ୍ଷାର୍ଥୀଙ୍କ ଫଳାଫଳରେ ଉନ୍ନତି ଆଣିବା ପାଇଁ କିପରି ଯୋଗଦାନ କରିଥାଏ । ବିଦ୍ୟାଳୟର ଦୈନନ୍ଦିନ ଶିକ୍ଷଣ କାର୍ଯ୍ୟରେ ଏ ସମ୍ବଳଗୁଡିକୁ ନିୟମିତ ଶିକ୍ଷାଦାନ - ଶିକ୍ଷଣର ଅଂଶ ଭାବେ ବ୍ୟବହାର କରିବା ପାଇଁ ସୃଜନାତ୍ମକ ଚିନ୍ତନର ଦରକାର ପଡ଼ିପାରେ । କାରଣ ଏହି ସମ୍ବଳଗୁଡ଼ିକୁ ଅନ୍ୟ ଶିକ୍ଷକମାନେ ଆଂଶିକ ଭାବରେ ସେମାନଙ୍କ ପାଠରେ ଅନ୍ତର୍ଭୁକ୍ତ କରି ବ୍ୟବହାର କରିବା ପାଇଁ ତଥାପି ବିଶ୍ୱାସ କରିପାରୁ ନାହାନ୍ତି ।

ବର୍ତ୍ତମାନ ପରିପ୍ରେକ୍ଷୀରେ ସମ୍ବଳଗୁଡିକ କାହିଁକି ବ୍ୟବହାର କରାଯାଉନାହିଁ, ସେଥିପାଇଁ ଅନେକ କାରଣ ରହିଛି (ଯଥା:- କେତେକ ବ୍ୟବହାର ଯୋଗ୍ୟ ନୁହେଁ, ମରାମତିର ଆବଶ୍ୟକ କରିଥାଏ, ଯୁଗୋପଯୋଗୀ ନୁହେଁ, ଶିକ୍ଷାର୍ଥୀଙ୍କ ଶିକ୍ଷଣକୁ ସହାୟତା କରେ ନାହିଁ) ଜଣେ ବିଦ୍ୟାଳୟର ମୁଖ୍ୟଙ୍କ ପାଇଁ ସମ୍ବଳଗୁଡିକୁ ପରିଚାଳନା କରିବା ଏକ ଦାୟିତ୍ୱପୂର୍ଣ୍ଣ କାମ ଅଟେ । ଯଦି ଆପଣ ଏହି କାମ ପାଇଁ ଭାବବିହ୍ୱଳ ହେବେ ତାହାହେଲେ କାର୍ଯ୍ୟସୂଚୀ ଉପରେ ସେଗୁଡ଼ିକ ଆଧିପତ୍ୟ ବିସ୍ତାର କରିବ । ଯେଉଁ କ୍ଷେତ୍ରରେ ଆପଣ ନିର୍ଦ୍ଦିଷ୍ଟ ଭାବେ ଶିକ୍ଷଣରେ ଉନ୍ନତି ଆଣିବାକୁ ସକ୍ଷମ ସେହି ପରିସ୍ଥିତିରେ ସମ୍ବଳଗୁଡ଼ିକର ପରିଚାଳନା ପାଇଁ ଆପଣ ପ୍ରତ୍ୟକ୍ଷ ଭାବେ ସାମିଲ ହେବା ଉଚିତ । ଉଦାହରଣସ୍ୱରୂପ ଆପଣ ତଥ୍ୟରୁ ଜାଣିଛନ୍ତି ଯେ ଏହା ହେଉଛି ସେହି ପରିସର ଯେଉଁଠି ଝିଅଶିକ୍ଷାର୍ଥୀମାନେ ବିଜ୍ଞାନରେ ଭଲ ଗ୍ରେଡ ରଖୁନାହାନ୍ତି ତେଣୁ ଆପଣ ଅଗ୍ରାଧିକାର ଭିତ୍ତିରେ ବିଜ୍ଞାନ ପାଠ୍ୟକ୍ରମରେ ପରିଚାଳନା ପାଇଁ ସମ୍ବଳଗୁଡିକ ସଜାଇପାରିବେ ।

ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ସମ୍ବଳଗୁଡ଼ିକ ପରିଚାଳନା କରିବାର ଗୋଟିଏ ବାଟ ହେଉଛି ପ୍ରଥମେ ସମ୍ବଳଗୁଡ଼ିକୁ ସ୍ଥିର କରିବା ଯାହା ପରିସ୍ଥିତି ଅଧ୍ୟୟନ ୧ରେ ବର୍ଣ୍ଣନା କରାଯାଇଛି ।

### ପରିସ୍ଥିତି ଅଧ୍ୟୟନ ୧ : ସୁଦର୍ଶନବାବୁଙ୍କର ସମ୍ବଳ ପରିଚାଳନା

ସୁଦର୍ଶନବାବୁ ନୂତନ ଭାବରେ ଗ୍ରାମାଞ୍ଚଳର ଏକ ବିଦ୍ୟାଳୟର ମୁଖ୍ୟଭାବେ ନିଯୁକ୍ତି ପାଇଥିଲେ । ସେଠାରେ ବହୁ ପରିସରର ଶିକ୍ଷାର୍ଥୀ ଥିଲେ ଯେଉଁମାନେ ଅବହେଳିତ ପୃଷ୍ଠଭୂମିରୁ ଆସିଥିଲେ । ସେ ସଙ୍ଗେ ସଙ୍ଗେ ସଚେତନ ହୋଇଗଲେ ଯେ ତାଙ୍କର ବିଦ୍ୟାଳୟଟି ଦେଖିବାକୁ ମଧ୍ୟ ଭଲ ନ ଥିଲା - ସେଠାରେ ଶିକ୍ଷାର୍ଥୀଙ୍କ କୃତି ସବୁ ପ୍ରଦର୍ଶିତ ହୋଇନଥିଲା ଶିକ୍ଷାର୍ଥୀଙ୍କ ଜରୁରୀ ସରଞ୍ଜାମ ଅଭାବ ଥିଲା ଏବଂ କୌଣସି ପ୍ରକାରର ଟେବୁଲ, ଚୌକି ବା ଥାକଟିଏ ବି ନଥିଲା । କିନ୍ତୁ ବିଦ୍ୟାଳୟର ଗୋଟିଏ ବିରାଟ ହତା ଥିଲା । ସେଠାରେ ଗଛ ଲାଗିଥିଲା ଓ ପାଣିର ସୁବିଧା ଥିଲା । ନିଜ ହାତ ପାହାନ୍ତାରେ ଥିବା ସମ୍ବଳଗୁଡିକୁ ସେମାନେ କିପରି ବ୍ୟବହାର କରିପାରିବେ ସେଥିପ୍ରତି ସୁଦର୍ଶନବାବୁ ତାଙ୍କ ତିନିଜଣ ଶିକ୍ଷକଙ୍କ ସହ ଦୃଷ୍ଟି ଦେଲେ । ବିଜ୍ଞାନ ଓ ସାମାଜିକ ବିଜ୍ଞାନ ପଢ଼େଇବା ପାଇଁ ସେମାନେ ତାଙ୍କ ନିକଟତମ ପରିସରକୁ କିପରି ସମ୍ବଳ ରୂପ ବ୍ୟବହାର କରିପାରିବେ ସେଥିପାଇଁ ସେମାନେ ଅନେକ ଚିନ୍ତାଧାରା ନେଇକି ଆସିଥିଲେ କିନ୍ତୁ ଧାରଣା ଗୁଡିକ ସମ୍ପର୍କରେ ଅଧିକ ଚିନ୍ତନର ଆବଶ୍ୟକ ଥିଲା । ସୁଦର୍ଶନବାବୁ ଶିକ୍ଷକମାନଙ୍କର ସାହାଯ୍ୟ ନେଇ ହତାକୁ ଏକ ସମ୍ବଳ ଭାବେ ବ୍ୟବହାର କରିବା ପାଇଁ ଯୋଜନା ପ୍ରସ୍ତୁତ କଲେ । ଲକ୍ଷ୍ୟ ଏହା ଥିଲା ଯେ ପ୍ରତ୍ୟେକ ଶିକ୍ଷାର୍ଥୀ ବିଦ୍ୟାଳୟର ହତା ଭିତରେ ସକ୍ରିୟ ଭାବରେ ସପ୍ତାହରେ ଥରେ କାମ କରିବେ ତାହା ଯେପରି ସେମାନଙ୍କ ଶିକ୍ଷଣର ଅଂଶ ବିଶେଷ ହୋଇଥିବ । ଏଭଳି ଲକ୍ଷ୍ୟର ଅର୍ଥ ହେଉଛି ପ୍ରତି ଶିକ୍ଷକ ସେମାନଙ୍କର ଶିକ୍ଷାଦାନକୁ ସେହି ଢ଼ଙ୍ଗରେ ସଂଗଠିତ କରିବେ ।

ସୁଦର୍ଶନ ବାବୁଙ୍କ ଯୋଜନାରେ ବଡ ଶିକ୍ଷାର୍ଥୀମାନେ ଗୋଟିଏ ସ୍ଥାନରେ ପରିବା ଲଗେଇବେ ଓ କେଉଁମାନେ ପାଳି କରି ପାଣି ଚଳେଇବେ ଓ ଜତ୍ନ ନେବେ ତାହା ସ୍ଥାନ ପାଇଥିଲା । ଗଣିତ ଶ୍ରେଣୀର ଶିକ୍ଷାର୍ଥୀମାନେ ପୋଷା କୁକୁର ପାଇଁ ଘର ତିଆରି କରିବା ଢ଼ଙ୍ଗରୁ

ଜାଣିଲେ ଯେ ଦୁଇ ଜଣ ଅଭିଭାବକ ସିଧାସଳଖ ଭାବରେ ଶିକ୍ଷାର୍ଥୀଙ୍କୁ ଡ୍ରଇଁରେ ସାହାଯ୍ୟ କରିଛନ୍ତି। ସେ ଦୁଇ ଜଣ ଅଭିଭାବକଙ୍କ ସାହାଯ୍ୟକୁ ତାଲିକା ଭୁକ୍ତ କଲେ। ଜଣେ ଶିକ୍ଷକ ଇଂରାଜୀ ଶ୍ରେଣୀରେ ଯେଉଁଥିରେ ସେ ସ୍ଥାନୀୟ ବ୍ୟବସାୟୀଙ୍କୁ କିଛି ଅର୍ଥ ଅନୁଦାନ ଭାବରେ ଦେବା ପାଇଁ ପତ୍ରଲିଖନ କାମ କରାଇଥିଲେ ଏବଂ ଶିକ୍ଷାର୍ଥୀମାନେ ମଞ୍ଜି ଓ ଚାରା ରୋପଣର ଏକ ପ୍ରକଳ୍ପ କାମ ହାତକୁ ନେବା ଆରମ୍ଭ କରିଥିଲେ। ସୁଦର୍ଶନ ବାବୁ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଯେ ସେହି ଅଞ୍ଚଳରେ ଥିବା ବନୀକରଣ ବିଭାଗ ସ୍ୱେଚ୍ଛାକୃତ ଭାବେ ବିଦ୍ୟାଳୟ ହତା ଭିତରେ ବୃକ୍ଷ ରୋପଣ କରିବା ପାଇଁ ପ୍ରସ୍ତାବ ଦେଲେ। ବିଦ୍ୟାଳୟ ମୁଖ୍ୟଙ୍କ ବୃକ୍ଷ ରୋପଣ ଖବର ଚାରିଆଡେ ଖୁବ ଶିଘ୍ର ପ୍ରଚାର ହୋଇଗଲା। ଦେଖାଗଲା ଯେ ନିୟମିତ ଭାବେ ଅଭିଭାବକମାନେ ବୃକ୍ଷମାନଙ୍କର ଯତ୍ନ ନେବା ସହ ହତା ଭିତରକୁ ପରିଷ୍କାର ରଖିବାରେ ସାହାଯ୍ୟ କରୁଥିଲେ।

## ଶିକ୍ଷଣକାର୍ଯ୍ୟ-୩ ସମ୍ବଳର ସୁପରିଚାଳନା ପାଇଁ ଚିନ୍ତା କରିବା

ସୁଦର୍ଶନ ବାବୁଙ୍କ ଘଟଣାକୁ ବାରମ୍ବାର ପଢ଼ନ୍ତୁ ଓ ତା' ପରେ ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକୁ ଚିନ୍ତା କରନ୍ତୁ।

- ସୁଦର୍ଶନ ବାବୁ ବିଦ୍ୟାଳୟ ହତାକୁ କିପରି ଭାବେ ଶିକ୍ଷଣର ସମ୍ବଳ ରୂପେ ପରିବର୍ତ୍ତିତ କରିଥିଲେ ?
- ବିଦ୍ୟାଳୟ ହତାକୁ ଏକ ଶିକ୍ଷଣ ସମ୍ବଳ ରୂପ ବ୍ୟବହୃତ ହେଉଛିକି ନାହିଁ ଜାଣିବା ପାଇଁ ସେ କେଉଁ ପ୍ରକ୍ରିୟାରେ ତଦାରଖ କରୁଥିଲେ ?
- ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଫଳାଫଳର ପ୍ରଭାବକୁ ସୁଦର୍ଶନବାବୁ କିପରି ଭାବରେ ଚିହ୍ନଟ କରିପାରିଥିଲେ ଭାବନ୍ତୁ ?
- ଆପଣ ଏଥିରୁ କ'ଣ ଶିଖିପାରିବେ ଯେ ଆପଣଙ୍କ କ୍ଷେତ୍ରରେ ସମ୍ବଳ ପରିଚାଳନା ପାଇଁ ପ୍ରୟୋଗ କରିପାରିବେ।

### ଆଲୋଚନା

ସୁଦର୍ଶନ ବାବୁ ଏକ ଯୋଜନା ପ୍ରସ୍ତୁତ କରି ବିଦ୍ୟାଳୟ ହତାକୁ ଶିକ୍ଷଣର ସମ୍ବଳରୂପେ ପରିଚାଳନା କରିବା ପାଇଁ ସ୍ଥିର କଲେ। ଏହି କାମ କରିବା ଦ୍ୱାରା ବିଦ୍ୟାଳୟ ଆକର୍ଷଣୀୟ ହୋଇପାରିଥିଲେ। ଏବଂ ଶିକ୍ଷାର୍ଥୀମାନେ ଗର୍ବ ଅନୁଭବ କରିଥିଲେ। ସେ ତାଙ୍କ ଲକ୍ଷ ସ୍ଥଳରେ ପହଞ୍ଚିବା ପାଇଁ କାର୍ଯ୍ୟ ଓ ଲୋକଙ୍କୁ ପରିଚାଳନା କରିବାର ଆବଶ୍ୟକତା ଥିଲା। ସେହି ଅଞ୍ଚଳର ବ୍ୟକ୍ତିମାନେ ବିଦ୍ୟାଳୟର ଏକ ଅଂଶ ଥିଲେ ଏବଂ ଗୋଷ୍ଠୀ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ଥିଲା। ସେମାନେ ସମୟ ବା ଜ୍ଞାନ ବା ସେମାନଙ୍କ ମଧ୍ୟରୁ କେତେ ଜଣ ଅର୍ଥ ଦେବା ପାଇଁ ମଧ୍ୟ ସକ୍ଷମ ହୋଇପାରନ୍ତି। ସେମାନଙ୍କ ସମୟ ଓ ଜ୍ଞାନ ବହୁତ ମୂଲ୍ୟବାନ ସୁଦର୍ଶନ ବାବୁ ସେମାନଙ୍କ ସାହାଯ୍ୟ ଯୋଗୁଁ ବହୁତ କିଛି କରିଥିଲେ। ବିଦ୍ୟାଳୟକୁ ସମ୍ବଳ ଯୋଗାଇବା ପାଇଁ ବିଦ୍ୟାଳୟର ମୁଖ୍ୟ ଲୋକମାନଙ୍କୁ ଉତ୍ସାହିତ କରିଥାନ୍ତି ଓ ସେମାନଙ୍କର ଉଦ୍ୟମକୁ ଯୋଜନା ଅନୁସାରେ ଶିକ୍ଷଣ ଫଳାଫଳର ଉନ୍ନତି ସହ ସମ୍ପର୍କିତ କରି ପରିଚାଳନା କରନ୍ତି।

## ଶିକ୍ଷଣକାର୍ଯ୍ୟ-୪ ସହକର୍ମୀଙ୍କୁ ସାମିଲ କରିବା ପାଇଁ ପ୍ରସ୍ତୁତ ହେବ।

ଆପଣ ଦେଖିଲେ ଯେ ସୁଦର୍ଶନ ବାବୁ ଉପଲବ୍ଧ ସମ୍ବଳଗୁଡ଼ିକୁ ଅଧିକ ଭଲଭାବେ ବ୍ୟବହାର କରିବା ପାଇଁ ସହକର୍ମୀଙ୍କୁ ସାମିଲ କରି ତତକ୍ଷଣାତ ଆଲୋଚନା କରିଥିଲେ। ବିଦ୍ୟାଳୟର ମୁଖ୍ୟ ଭାବରେ ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ତାଙ୍କ ସହକର୍ମୀମାନଙ୍କ ସହ କଥାବାର୍ତ୍ତା ପ୍ରଥମେ ଆରମ୍ଭ କରିଥିଲେ। ଯଦି ଆପଣ ପୂର୍ବରୁ ସମ୍ବଳର ବ୍ୟବହାରକୁ ଶ୍ରେଣୀଭୁକ୍ତ କରିବା ପାଇଁ ଅନ୍ୟମାନଙ୍କୁ ସାମିଲ କରିଛନ୍ତି ତେବେ ଆପଣଙ୍କ ପାଖରେ ଏମିତି ସହକର୍ମୀ ଥିବେ ଟିଏକି ଏହି ସିଦ୍ଧାନ୍ତକୁ ସମସ୍ତଙ୍କ ସାମନାରେ ଖୋଲା ଆଲେଚନା ପାଇଁ ରଖିବେ। ଆପଣଙ୍କ ପାଖରେ ଏଭଳି ସହକର୍ମୀ ଥିବେ ଯେଉଁମାନେ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟରେ ପରିବର୍ତ୍ତନ ପାଇଁ ଦିଆଯାଉଥିବା ପରାମର୍ଶକୁ ମଧ୍ୟ ଅବିଶ୍ୱାସ କରିବେ।

ଖ, ଗ, ଘ ନାମରେ ଚିହ୍ନଟ କରି ଶ୍ରେଣୀ ଭୁକ୍ତ କରିଥିବା ସମ୍ବଳଗୁଡ଼ିକୁ ଲକ୍ଷ୍ୟ କରନ୍ତୁ। ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକ ବିଷୟରେ

ଚିନ୍ତାକରି ନିଜର ଭାବନାକୁ ଶିକ୍ଷଣ ଡାଏରୀରେ ଟିପିକରୀ ରଖନ୍ତୁ।

- ଏହି ସମ୍ବଳଗୁଡ଼ିକୁ ଶିକ୍ଷାର୍ଥୀଙ୍କ ଶିକ୍ଷଣରେ ଅଧିକ ଫଳପ୍ରଦ ଭାବେ ବ୍ୟବହାର କରିବା ପାଇଁ ଆପଣ କ'ଣ କରିବା ଆବଶ୍ୟକ ?
- ଆପଣ ସହକର୍ମୀଙ୍କ ସହ ଏ ବିଷୟରେ କିପରି ଆଲୋଚନା କରିବେ ?
- ଯେଉଁ ସହକର୍ମୀମାନେ ସେମାନଙ୍କ କାର୍ଯ୍ୟ ଶୈଳୀରେ ପରିବର୍ତ୍ତନ କରିବା ପାଇଁ ଚାହୁଁନାହାଁନ୍ତି ସେମାନଙ୍କର ପ୍ରତିରୋଧକୁ କିପରି ସମାଧାନ କରିବେ ?

## ଆଲୋଚନା

ସହକର୍ମୀମାନେ ଅଧିକ ପରିମାଣରେ ସମ୍ବଳକୁ ବ୍ୟବହାର କରିବା ପାଇଁ ଆପଣ ବିଦ୍ୟାଳୟର ମୁଖ୍ୟ ଭାବେ ଦିଗଦର୍ଶନ ଦେବେ ଓ ଉତ୍ସାହିତ କରିବେ। ଆପଣଙ୍କଠୁ ହୁଏତ ସେମାନେ ବିଦ୍ୟାଳୟ ବାହାରେ ଥିବା ସମ୍ବଳଗୁଡ଼ିକୁ ଏକତ୍ରିତ କରିବା ପାଇଁ ଓ ଉପଲବ୍ଧ ସମ୍ବଳକୁ ସର୍ଜନାତ୍ମକ ଢ଼ଙ୍ଗରେ ବ୍ୟବହାର କରିବା ପାଇଁ ଦିଗଦର୍ଶନ ଚାହିଁବେ। ଶିକ୍ଷାର୍ଥୀମାନେ ହେଉଛନ୍ତି ସବୁଠୁ ବଡ ସମ୍ବଳ ଯେଉଁମାନେ ବହୁତ ଅଭିଜ୍ଞତା ଓ ଜ୍ଞାନ ଧରିକି ଆସିଥାନ୍ତି ଯାହାକୁ ଶିକ୍ଷକ ସେମାନଙ୍କର ବନ୍ଧୁମାନଙ୍କ ଶିକ୍ଷଣର ଅଭିବୃଦ୍ଧିରେ ବ୍ୟବହାର କରିପାରିବେ।

ଆପଣ ସହକର୍ମୀମାନଙ୍କୁ ଭିନ୍ନ ଢ଼ଙ୍ଗରେ କାମ କରିବା ପାଇଁ ଉଦାହରଣ ଦେବା ପାଇଁ ଚାହିଁପାରନ୍ତି। ଉଦାହରଣ ସ୍ୱରୂପ ଜୀବ ବିଜ୍ଞାନ ଶ୍ରେଣୀରେ ଶିକ୍ଷାର୍ଥୀମାନେ ବିଭିନ୍ନ ପ୍ରକାରର ପତ୍ର ଆଣିଛନ୍ତି ଓ ସେଗୁଡ଼ିକୁ ଶ୍ରେଣୀ ବିଭାଗ କରିବା ପାଇଁ ଅଂଶଗ୍ରହଣ କରୁଛନ୍ତି। ଇଂରାଜୀ ଶ୍ରେଣୀରେ ଶିକ୍ଷାର୍ଥୀମାନେ ଗୋଟିଏ ଡବା ଆଣିଥିଲେ ଓ ଶବ୍ଦ ଭଣ୍ଡାର ବୃଦ୍ଧି ପାଇଁ ଖାଦ୍ୟ ଏବଂ ପୃଷ୍ଟିର ତାଲିକା କରୁଥିଲେ। ଆପଣ ମଧ୍ୟ ଭାବିବାକୁ ଚାହିଁବେ ଯେ ଆପଣଙ୍କ ଶିକ୍ଷକମାନେ କିପରି ପରସ୍ପରଠୁ ଅନ୍ୟ ବିଦ୍ୟାଳୟର ଶିକ୍ଷକମାନଙ୍କ ପାଖରୁ ଶିଖିପାରିବେ। ଯେତେବେଳେ ଲୋକମାନେ ଦେଖିବେ ଯେ ସେମାନଙ୍କର ସହକର୍ମୀମାନେ ନୂତନ ଚିନ୍ତାଧାରାରେ କାମ କରି ସଫଳତା ପାଉଛନ୍ତି ସେତେବେଳେ ସେମାନେ କମ ପ୍ରତିରୋଧ କରିବେ।

ଆପଣଙ୍କ ବିଦ୍ୟାଳୟରେ ସମ୍ବଳ ଗୁଡ଼ିକୁ ଅଧିକ ଭଲଭାବେ ବ୍ୟବହାର କରିବା ପାଇଁ ଯେତେବେଳେ ସହକର୍ମୀମାନଙ୍କ ସହ ଆଲୋଚନା କରିବେ, ସେହି ସମୟରେ ଆପଣ ହୁଏତ ସମ୍ବଳର ସାରଣୀ-୧ ଆବଶ୍ୟକ ହୋଇପାରେ।

## ଶିକ୍ଷଣକାର୍ଯ୍ୟ-୫ ସମ୍ବଳର ପରିଚାଳନା ପାଇଁ ସହକର୍ମୀଙ୍କ ଯୋଜନା କରିବା

ଥରେ ଯଦି ବୁଝିଯିବେ ଯେ ବିଦ୍ୟାଳୟ ଚାରିପାଖେ ଅନେକ ସମ୍ବଳ ଉପଲବ୍ଧ ତେବେ ଉପଲବ୍ଧ ସମ୍ବଳଗୁଡ଼ିକର ସର୍ବାଧିକ ବିନିଯୋଗ କରିବା ପାଇଁ ଆପଣ ସହକର୍ମୀମାନଙ୍କୁ ସାମିଲ କରିପାରିବେ। ବିଦ୍ୟାଳୟର ମୁଖ୍ୟ ଭାବେ ଆପଣଙ୍କୁ କାରଣ ଦର୍ଶେଇ ବୁଝେଇବାକୁ ପଡିବ ଯେ କମ ବା ଆଦୌ ବ୍ୟବହୃତ ହେଉ ନ ଥିବା ସମ୍ବଳଗୁଡ଼ିକ କିପରି ଭାବରେ ଶିକ୍ଷଣର ଫଳାଫଳକୁ ପ୍ରଭାବିତ କରିଥାଏ। ମାନବ ସମ୍ବଳଗୁଡ଼ିକୁ ଚିହ୍ନଟ କରିବା ପାଇଁ ସହକର୍ମୀମାନଙ୍କ ସାହାର୍ଯ୍ୟର ଆବଶ୍ୟକତା ଅଛି ବୋଲି ସ୍ପଷ୍ଟ ଭାବେ କହିବା ଦରକାର। ଏହି କାମ କରିବା ପାଇଁ ସର୍ବପ୍ରଥମେ ଆପଣ ସହକର୍ମୀମାନଙ୍କୁ ଏ ସମସ୍ୟା ବାବଦରେ ଚିନ୍ତା ଓ ଅଂଶୀଦାର କରିବାକୁ ନିମନ୍ତ୍ରଣ କରନ୍ତୁ।

ଏହି ଅଧିବେଶନକୁ କିପରି ଭାବରେ ଆଗକୁ ନେବେ ସେଥିପାଇଁ ଶିକ୍ଷଣ ଡାଏରୀରେ କିଛି ଟିପିକରି ରଖନ୍ତୁ। ଏହାପରେ କାମଟି ଠିକ ଭାବେ ପରିଚାଳିତ ହେଲେ କି ନାହିଁ ଜାଣିବା ପାଇଁ ମୂଲ୍ୟାୟନ କରିବେ ଏବଂ ପରବର୍ତ୍ତୀ ସମୟରେ କାମଟିକୁ ଆପଣ କେଉଁ ଢ଼ଙ୍ଗରେ କରିପାରିବେ ତାର ମଧ୍ୟ ବିବରଣୀ ଟିପିକରି ରଖନ୍ତୁ। ଆପଣ ବୈଠକକୁ କିପରି ଭାବରେ ପରିଚାଳନା କରିବେ ସେଥିପାଇଁ ନିମ୍ନରେ ଦିଆଯାଇଥିବା ବିନ୍ଦୁଗୁଡ଼ିକ ମୂଳଦୁଆ ଭାବେ କାମ କରିପାରିବ।

- ଆପଣ ଯୁକ୍ତିସଙ୍ଗତ ଭାବରେ କାମ ବା ଆଦୌ ବ୍ୟବହୃତ ହେଉନଥିବା ସମ୍ବଳଗୁଡିକ ସମ୍ପର୍କରେ ପରିଚିତ କରାନ୍ତୁ ଏବଂ ନିଶ୍ଚିତ କରିବେ ଯେ ଏହା ଯେପରି ଶିକ୍ଷାର୍ଥୀଙ୍କ ଶିକ୍ଷଣ ଉନ୍ନତି ପାଇଁ ମୂଳଚେର ସଦୃଶ କାମ କରୁଛି। ଆପଣ ଏଯାଏଁ କରିଥିବା ହିସାବରୁ କଣ ଶିଖିଲେ ତାହା ଆଲୋଚନା କରନ୍ତୁ।
- ଆମ ଚାରିପାଖରେ ବ୍ୟାପକ ଭାବରେ ଦେଖିବାକୁ ମିଳୁଥିବା ସମ୍ବଳ ଓ ଶିକ୍ଷଣ ସମ୍ବଳ କ'ଣ ହୋଇପାରେ ସେ ବିଷୟରେ ଅନ୍ୟମାନଙ୍କୁ ପରିଚିତ କରାନ୍ତୁ। ଆପଣ ହୁଏତ ବିଭିନ୍ନ ପ୍ରକାରର ସମ୍ବଳ ସମ୍ବନ୍ଧରେ ବୁଝେଇ ପାରନ୍ତି ଓ ପ୍ରତି ବିଭାଗ ପାଇଁ ସବୁ ସମ୍ବଳ ବିଦ୍ୟାଳୟରେ ଉପଲବ୍ଧ ସେଗୁଡିକ ସେମାନଙ୍କୁ ବୁଝେଇବାରେ ସାହାଯ୍ୟ କରିବା ପାଇଁ ଆପଣ ସହକର୍ମୀମାନଙ୍କୁ ଭାବିବା ପାଇଁ ସାମିଲ କରିପାରିବେ। ସେମାନେ ସମ୍ବଳ ଗୁଡିକୁ କେଉଁ ଶ୍ରେଣୀରେ ଅନ୍ତର୍ଭୁକ୍ତ ଅଟେ, ସେଥିପାଇଁ ଚିନ୍ତା କରିବେ।
- ଆପଣ ଗୋଷ୍ଠୀ ସହ ମିଶି କିପରି ଭାବେ ଅନ୍ୟାନ୍ୟ ବିଷୟ ଓ ପାଠ୍ୟକ୍ରମରେ ଆଦୌ ବ୍ୟବହୃତ ହେଉନଥିବା ଓ କମ ବ୍ୟବହୃତ ହେଉଥିବା ସମ୍ବଳଗୁଡ଼ିକ ଚିହ୍ନଟ କରିପାରିବେ।
- ଶିକ୍ଷାର୍ଥୀଙ୍କ ଶିକ୍ଷଣକୁ ସହାୟତା ଦେବାପାଇଁ ପ୍ରତ୍ୟେକଙ୍କର ଜ୍ଞାନ ଓ କୌଶଳର ସର୍ବାଧିକ ବିନିଯୋଗକୁ କିପରି ଭାବରେ ନିଶ୍ଚିତ କରିବେ ସେ ବିଷୟରେ ଆଲୋଚନା କରନ୍ତୁ (ଏମାନଙ୍କ ମଧ୍ୟରୁ କେହି ବି ହୋଇ ପାରନ୍ତି ଯଥା ମାତାପିତା, ଶିକ୍ଷାର୍ଥୀ, ଶିକ୍ଷକବୃନ୍ଦ ଓ ଗୋଷ୍ଠୀ ସଦସ୍ୟମାନେ)।
- ସମ୍ବଳଗୁଡିକର ବ୍ୟବହାର ପାଇଁ କାର୍ଯ୍ୟଗୁଡିକୁ ସ୍ଥିର କରନ୍ତୁ ସମୀକ୍ଷା ପାଇଁ ସମୟ ନିର୍ଦ୍ଧାରଣ କରନ୍ତୁ। ସମ୍ବଳର ବ୍ୟବହାର ଶିକ୍ଷାର୍ଥୀଙ୍କ ଶିକ୍ଷଣ ଫଳାଫଳ ସହ ସମ୍ବନ୍ଧିତ ଏ ବିଷୟରେ ଆଲୋଚନା ପାଇଁ ତାରିଖ ସ୍ଥିର କରନ୍ତୁ।
- ଉପଲବ୍ଧ ସମ୍ବଳଗୁଡ଼ିକୁ ଅଧିକ ଭଲ ଭାବରେ ବିନିଯୋଗ କରିବା ପାଇଁ ଆପଣ ପ୍ରସ୍ତୁତ କରିଥିବା ଯୋଜନାରେ କାମ କରିବା ପାଇଁ ସ୍ୱେଚ୍ଛାସେବୀମାନଙ୍କୁ ଚିହ୍ନଟ କରନ୍ତୁ। ସେମାନଙ୍କ ପାଇଁ ଏକ ବୈଠକ କରନ୍ତୁ। ବୈଠକର ଆୟୋଜନ କରି ଏହି ସମ୍ବଳଗୁଡ଼ିକର ଉପଯୋଗର ଯୋଜନା ସମ୍ପର୍କରେ ଆଲୋଚନା କରନ୍ତୁ।

## ଆଲୋଚନା

ଏଭଳି ଅଧିବେଶନକୁ ଯୋଜନାବଦ୍ଧ ଭାବେ ପ୍ରସ୍ତୁତ କରି ନେତୃତ୍ୱ ଦେଲେ ଫଳାଫଳ ନିଶ୍ଚିତ ଭାବରେ ଅଧିକ ଭଲହେବ। ଏଥିରେ ଦ୍ୱିମତ ହେବାର ନାହିଁ। ଶିକ୍ଷାର୍ଥୀମାନଙ୍କୁ ଆଦେଶ ଦେବା ଓ ଆପଣଙ୍କ ସହକର୍ମୀଙ୍କ ସକ୍ରିୟ ଭାବରେ ବିଭିନ୍ନ କାମରେ ନିଯୁକ୍ତି କରିବା ପାଇଁ ସୂଚନା ଦେବା ମଧ୍ୟରେ ଭଲଭାବେ ଭାରସାମ୍ୟ ରକ୍ଷା କରନ୍ତୁ। ଆପଣ ନୂଆଧାରା ସହିତ ପରିଚିତ କରିବା ପାଇଁ ବା କାର୍ଯ୍ୟରେ ପରିବର୍ତ୍ତନ ଚାହୁଁ ଥିଲେ, ନିଜେ କାର୍ଯ୍ୟଗୁଡିକ ଆଦର୍ଶ ରୂପେ ପ୍ରଦର୍ଶନ କରିବା ଉଚିତ ଅଟେ। ଯେତେବେଳେ ଲୋକମାନେ ବୁଝିବେ କେଉଁଥିରେ କେନ୍ଦ୍ରୀଭୂତ କରି ପରିବର୍ତ୍ତନ ଅଣାଯାଇଛି, ତେବେ ଏଭଳି କାମ ପାଇଁ ସହାୟତା ପ୍ରଦାନ କରିବା ପାଇଁ ଧମକ ଅପେକ୍ଷା ସୁଯୋଗ ବୋଲି ଭାବିବେ। ଏଭଳି ପରିସ୍ଥିତିରେ ସହକର୍ମୀମାନେ ବିଭିନ୍ନ ପ୍ରକାରର ସମ୍ବଳ ଯାହା ଆଗ୍ରହ ଉଦ୍ଦୀପକ ସେଗୁଡିକୁ ସେମାନଙ୍କର ପାଠରେ ବ୍ୟବହାର କରି ବିଭିନ୍ନ କିସମର ପରିବର୍ତ୍ତନ କରିପାରିବେ ସେଥିପାଇଁ ଆପଣ ସେମାନଙ୍କୁ ନିମନ୍ତ୍ରଣ କରିବେ।

ସହକର୍ମୀମାନଙ୍କୁ ଦେବା ପାଇଁ ସମ୍ବଳ ୨ ଏକ ଯୋଗ୍ୟ ଲେଖା ହୋଇପାରେ।

ପରିସ୍ଥିତି ଅଧ୍ୟୟନ ୨ ମାଧ୍ୟମରେ ଆପଣ ବ୍ୟାପକ ଭାବରେ ସମ୍ବଳର ବ୍ୟବହାର ସମ୍ପର୍କରେ ଭାବ ବିନିମୟ କରିପାରିବେ। ସାକ୍ଷାତକାର ମାଧ୍ୟମରେ ଏଠାରେ ଉଲ୍ଲେଖ କରାଯାଇଛି ଯେ ବିଦ୍ୟାଳୟର ମୁଖ୍ୟ କ୍ଷେତ୍ର ଭ୍ରମଣକୁ କିପରି ଏକ ଶିକ୍ଷଣ ସମ୍ବଳ ରୂପେ ତାଙ୍କ ବିଦ୍ୟାଳୟରେ ଆରମ୍ଭ କରିଥିଲେ। କ୍ଷେତ୍ର ଭ୍ରମଣରୁ ଶିକ୍ଷାର୍ଥୀମାନେ ଅଧିକ ଶିଖିବାର ସୁଯୋଗ ପାଇଥାନ୍ତି, ଏ କଥାକୁ ସେ ବୁଝାଇଥିଲେ। କ୍ଷେତ୍ରଭ୍ରମଣ ପାଇଁ ଯୋଜନା କରିବା ଓ ଲହାକୁ ସଂଗଠିତ ଭାବରେ ପରିଚାଳନା କରିବା ପାଇଁ କାର୍ଯ୍ୟଭାର ଅଧିକ ବୋଲି ସ୍ୱିକାର କରିଥିଲେ। କ୍ଷେତ୍ର ଭ୍ରମଣରେ ଯିବା ପାଇଁ ଯୋଜନା କରିବା ବେଳେ ଆର୍ଥିକ ସମ୍ବଳର ଦରକାର ପଡିଥାଏ।



ଚିତ୍ର ୨ ବିଦ୍ୟାଳୟ ସମ୍ବଳର ପରିଚାଳନା ଦ୍ୱାରା ଶିକ୍ଷାର୍ଥୀଙ୍କ ଶିକ୍ଷଣରେ ଉନ୍ନତି ହୋଇଥାଏ।

## ପରିସ୍ଥିତି ଅଧ୍ୟୟନ ୨ : କ୍ଷେତ୍ର ଭ୍ରମଣ ସମ୍ପର୍କରେ ବିଦ୍ୟାଳୟର ମୁଖ୍ୟଙ୍କ ସହିତ ଏକ ସାକ୍ଷାତକାର

ସାକ୍ଷାତକାରୀ : ଆପଣ ପ୍ରତିବର୍ଷ ପ୍ରତି ଶ୍ରେଣୀକୁ ଦୁଇଥର ଲେଖାଏଁ କ୍ଷେତ୍ର ଭ୍ରମଣରେ ନେଇଥାନ୍ତି। ଆପଣଙ୍କ ବିଦ୍ୟାଳୟ କ୍ଷେତ୍ର ଭ୍ରମଣକୁ କାହିଁକି ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରେ ?

ବିଦ୍ୟାଳୟ ମୁଖ୍ୟ : ମୁଁ ଦେଖିଲି ଯେ ଶିକ୍ଷାର୍ଥୀମାନେ ବହିରେ ଥିବା ଧାରଣାଗୁଡିକୁ ଘୋଷି କରି ମନେ ରଖୁଛନ୍ତି କିନ୍ତୁ ଦୈନନ୍ଦିନ ଜୀବନ ସହିତ ସେଗୁଡିକୁ ଯୋଡି ପାରୁନାହାନ୍ତି। ଯଦିଓ ଶିକ୍ଷାର୍ଥୀମାନେ ପତ୍ର ଲିଖନ ବିନିମୟର ଏକ ମାଧ୍ୟମ ବୋଲି ଜାଣିଛନ୍ତି କିନ୍ତୁ ସେମାନେ କେବେବି ପତ୍ରଟିଏ ଲେଖିନାହାନ୍ତି ବା ବିଦ୍ୟାଳୟ ପାଖରେ ଥିବା ଡାକଘରକୁ କେବେ ବି ଯାଇକି ଦେଖିବାହାନ୍ତି। ବଡ ଶ୍ରେଣୀର ଶିକ୍ଷାର୍ଥୀମାନେ ଜୀବାଣୁ ଓ ସଂକ୍ରମକ ରୋଗ ବିଷୟରେ ପଢୁଛନ୍ତି ରକ୍ତ, ମଳ, ମୁତ୍ର ପରୀକ୍ଷା କରିବା ପାଇଁ ଡାକ୍ତର ଯେ ତାଙ୍କ ଗାଁ ପାଖ ସହରରେ ଥିବା ପରୀକ୍ଷାଗାରକୁ ପଠାନ୍ତି ଏ ବିଷୟରେ ସେମାନେ କିଛି ବି ଜାଣନ୍ତି ନାହିଁ। ମୁଁ ଅନୁଭବ କଲି ଯେ ସେମାନେ ନିଶ୍ଚିତ ଭାବରେ ଏ ସବୁ ବିଷୟରେ ଜାଣିବା ଉଚିତ ତେଣୁ ମୁଁ ଶିକ୍ଷକମାନଙ୍କ ସହ ଏ ସମ୍ପର୍କରେ କଥାବାର୍ତ୍ତା କଲି।

ସାକ୍ଷାତକାର : ସେମାନେ ରାଜି ହେଲେ କି ?

ବିଦ୍ୟାଳୟ ମୁଖ୍ୟ : ହିଁ, ଏତେ ଶିକ୍ଷାର୍ଥୀଙ୍କୁ କେମିତି ଓ କିପରି ଭାବରେ ନେବା ବୋଲି ସେମାନେ ମତେ ପଚାରିଲେ ଓ ଏଭଳି ପରିଦର୍ଶନ ପାଇଁ ପରୀକ୍ଷାଗାର କ'ଣ ରାଜି ହେବେ କି ? ତା'ପରେ ମୁଁ ପ୍ରତ୍ୟେକ ଶ୍ରେଣୀକୁ କ୍ଷେତ୍ର ପରିଭ୍ରମଣରେ ନେବା ପାଇଁ ଶିକ୍ଷକମାନଙ୍କୁ ପ୍ରସ୍ତାବ ଦେବା ପାଇଁ କହିଲି। ତାପରେ ଆମେ କଣ ଚାହିଁଛୁ ସେ ବାବଦରେ ଅଭିଭାବକଙ୍କୁ ଜଣାଇଲୁ।

ସାକ୍ଷାତକାର : ଅଭିଭାବକଙ୍କୁ କାହିଁକି ?

ବିଦ୍ୟାଳୟ ମୁଖ୍ୟ : ଏ କାମ କରିବା ପାଇଁ ଆମ ପାଖରେ ଯଥେଷ୍ଟ ସମ୍ବଳ ନାହିଁ। ତେଣୁ ଅଭିଭାବକଙ୍କର ସହଯୋଗ ଦରକାର ହୁଏ। ସେମାନଙ୍କ ମଧ୍ୟରୁ ଜଣେ ବସ୍ ଚଳାନ୍ତି ଓ ସେ ଆମ ଖର୍ଚ୍ଚ ସହିତ ରାଜି ହୋଇଥିଲେ। ଅନ୍ୟ ମାତାପିତା ମାନେ କ୍ଷେତ୍ର ଭ୍ରମଣ ପାଇଁ କିଛି ଟଙ୍କା ଯୋଗାଇଦେଇଥିଲେ।

ସାକ୍ଷାତକାର : ତେଣୁ କ୍ଷେତ୍ର ଭ୍ରମଣରେ ଯିବା ଓ ପରିଚାଳନା କରିବା ସହଜ ହୋଇଥିବ।

ବିଦ୍ୟାଳୟ ମୁଖ୍ୟ : ପ୍ରକୃତରେ ଥରେ ନିଷ୍ପତ୍ତି ନେଲେ ସବୁ ଜିନିଷ ସହଜ ହୋଇଯାଏ କିନ୍ତୁ ଏଥିପାଇଁ ଆମେ ବହୁତ ଯୋଜନା କରିଥିଲୁ। ଶିକ୍ଷକମାନେ ସେଠାକୁ ଯାଇ ଅନୁମତି ଆଣିଥିଲେ ଓ ଆମେ କାହିଁକି ଓ କ'ଣ କରିବାକୁ ଚାହୁଁଛୁ ସେ ବିଷୟରେ ବୁଝିଇଥିଲେ। ଆମେ କ୍ଷେତ୍ରଭ୍ରମଣକୁ କିପରି ଶିକ୍ଷାର୍ଥୀଙ୍କ ସହ ପରିଚିତ କରାଇବୁ, ପ୍ରଶ୍ନଗୁଡ଼ିକୁ କିପରି ସଂଗ୍ରହ କରିବୁ ଓ ସେମାନେ ଯେଉଁ ତଥ୍ୟ ଧରି ଫେରିବେ ସେଗୁଡ଼ିକୁ ନେଇ କ'ଣ କରିବୁ ସେ ବିଷୟରେ ଭାବିଥିଲୁ।

ସାକ୍ଷାତକାର : ମୁଁ ଲକ୍ଷ୍ୟ କଲି ଯେ ସପ୍ତମ ଶ୍ରେଣୀର ଶିକ୍ଷାର୍ଥୀମାନେ ତାଙ୍କ ଖାତାରେ କୋଠାର ଚିତ୍ର ଅଙ୍କନ କରିଛନ୍ତି।

ବିଦ୍ୟାଳୟ ମୁଖ୍ୟ : ଏଠୁ ତିନୋଟି ରାସ୍ତା ପାରହୋଇ ଶିକ୍ଷାର୍ଥୀମାନେ ସେଠିକି ଯାଇଥିଲେ। ସେମାନେ ସେଠୁଗୁଡ଼ାଏ ସୂଚନା ଧରି ଆସିଛନ୍ତି ଯଥା ସେଠି କୋଠାର ଭିତ୍ତି ସ୍ଥାପନ ପାଇଁ ଖନନ କାମ କେମିତି ଭାବରେ ହେଉଛି। ତା'ପରେ ଆମେ ଖନନ କାମ କରିଥିବା ବ୍ୟକ୍ତିଙ୍କୁ ଡାକିଥିଲୁ। ସେ ନକସା ତିଆରି କରିଥିବା ବ୍ୟକ୍ତିଙ୍କ ସହ ଆସିଥିଲେ। ଶିକ୍ଷାର୍ଥୀମାନଙ୍କ ସହ ଆଲୋଚନା କରିଥିଲେ ଉଦାହରଣସ୍ୱରୂପ ସେମାନେ ସେଠାରେ କିପରି ଭାବରେ ଖନନ କାର୍ଯ୍ୟ କରିଛନ୍ତି ଓ କେଉଁ ଭଳି କୋଠା ତିଆରି କରିବେ ଓ କେଉଁ ମାଟିରେ ସହଜରେ କୋଠା ତିଆରି ହୁଏ ଓ କେଉଁ ମାଟିରେ କୋଠା ତିଆରି କରିବା କଷ୍ଟକର ହୋଇଥାଏ, ଏ ସବୁ ବାବଦରେ ଶିକ୍ଷାର୍ଥୀଙ୍କ ସହ କଥାବାର୍ତ୍ତା ହେଲେ । ଶିକ୍ଷାର୍ଥୀମାନେ ସେମାନେ ରହୁଥିବା କୁଡ଼ିଆ ଓ ସହରର ବଡ଼ବଡ଼ ପ୍ରାସାଦର ତୁଳନା କରିଥିଲେ । ନକ୍ସା ତିଆରି କରିଥିବା ବ୍ୟକ୍ତି ଏହା ଶୁଣି ଖୁବ୍ ଖୁସୀ ହୋଇଥିଲେ । ପରଦିନ ଶିକ୍ଷକ ତାଙ୍କ ଘରୁ ଏକ କ୍ୟାଲେଣ୍ଡର ଆଣିଥିଲେ । ଯେଉଁଥିରେ ବିଭିନ୍ନ ପ୍ରକାରର କୋଠାଘରର ଚିତ୍ର ଥିଲା । ଶିକ୍ଷାର୍ଥୀମାନେ କେଉଁ କୋଠା ଘରେ ରହିବା ପାଇଁ ଚାହିଁବେ, ତା'ର ଚିତ୍ର ତିଆରି କରିଥିଲେ । ମାଧ୍ୟାକର୍ଷଣ ଶକ୍ତି, ବଳ, ଓଜନ, ରାଶି ବିଷୟରେ ଶିଖିବା ପାଇଁ ଏହା ଏକ ଭଲ ବାଟ ଅଟେ ।

## ଶିକ୍ଷଣକାର୍ଯ୍ୟ ୬: ଲୋକମାନଙ୍କୁ ଏକ ସମ୍ବଳ ଭାବେ ଚିନ୍ତା କରିବା ।

ପରିସ୍ଥିତି ଅଧ୍ୟୟନ ୨ରେ ଲୋକମାନଙ୍କୁ ବିଭିନ୍ନ ଉପାୟରେ ଏକ ସମ୍ବଳ ଭାବରେ ବ୍ୟବହାର କରାଯାଇପାରେ ବୋଲି ଚିହ୍ନଟ କରାଯାଇଛି। ନିମ୍ନରେ ଦିଆଯାଇଥିବା ବିନ୍ଦୁଗୁଡ଼ିକୁ ପଥପ୍ରଦର୍ଶକ ଭାବେ ବ୍ୟବହାର କରି କିଛି ସମୟ ଦେଇ ଏ ବାବଦରେ ଚିନ୍ତା କରନ୍ତୁ।

- ସପ୍ତମ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କର କୋଠାଘର ସମ୍ପର୍କିତ ଶିକ୍ଷଣ କଥା ଭାବନ୍ତୁ । ଏହି ଶିକ୍ଷଣକୁ ଜୀବନ୍ତ କରି ଗଢ଼ି ତୋଳିବାରେ କେଉଁମାନେ ସାମିଲ ହୋଇଥିଲେ ଓ ସେମାନଙ୍କର ଅବଦାନ କ'ଣ ଥିଲା ତା'ର ଏକ ତାଲିକା ପ୍ରସ୍ତୁତ କରନ୍ତୁ।
- ବର୍ତ୍ତମାନ ଲୋକମାନଙ୍କ ବିଷୟରେ ଭାବନ୍ତୁ (ସହକର୍ମୀ, ପିତାମାତା, କେଉଁମାନେ ଗୋଷ୍ଠୀରେ ବାସ କରୁଛନ୍ତି) କେଉଁମାନଙ୍କୁ ଆପଣ ଶିକ୍ଷଣ ପାଇଁ ଗୁରୁତ୍ୱପୂର୍ଣ୍ଣ ସମ୍ବଳଭାବେ ବ୍ୟବହାର କରିପାରିବେ କିନ୍ତୁ ବର୍ତ୍ତମାନ ସେମାନଙ୍କୁ ବ୍ୟବହାର କରୁନାହାନ୍ତି। ଆପଣ ପଢ଼େଇସାରିଥିବା ଯେକୌଣସି ବିଷୟ ବା ପ୍ରସଙ୍ଗକୁ ମନେ ପକାଇବାକୁ ସହଜ ହୋଇପାରେ ଏବଂ ତା'ପରେ ଏଥିରେ କିଏ ସାହାଯ୍ୟ କରିପାରିବେ ଭାବନ୍ତୁ ।
- ଆପଣ ଏହି ବ୍ୟକ୍ତିମାନଙ୍କୁ ଶିକ୍ଷଣ ପାଇଁ ବ୍ୟବହାର କରିବାବେଳେ କେଉଁସବୁ ପ୍ରତିବନ୍ଧକ ଆସିପାରେ ଓ ସେଗୁଡ଼ିକୁ କିପରି ସମାଧାନ କରିବେ ।

### ଆଲୋଚନା

ପରିସ୍ଥିତି ଅଧ୍ୟୟନ ୨ ବିଷୟରେ ଭାବିଲେ ଓ ଉପରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେଲାପରେ ଆପଣ ସଚେତନ ହୋଇ ଯାଇଥିଲେ ଯେ ସହକର୍ମୀ ଓ ଅନ୍ୟମାନଙ୍କ ପାଖରେ ଥିବା ସମ୍ବଳଗୁଡ଼ିକୁ ଆପଣ ଏ ଯାଏ ବ୍ୟବହାର କରିନାହାନ୍ତି । ପରିସ୍ଥିତି ଅଧ୍ୟୟନରେ ଉଲ୍ଲେଖ ଥିବାଭଳି ପିତାମାତା ବା ଗୋଷ୍ଠୀର ସଭ୍ୟ ଯେଉଁମାନେ ସମୟ, ଅର୍ଥ ବା ସେମାନଙ୍କର ଜ୍ଞାନ ଆକାରରେ ସହଯୋଗ

କରିପାରନ୍ତି । ଯେକୌଣସି ପଦକ୍ଷେପ ହେଉ ନା କାହିଁକି ପ୍ରଥମେ ଅନ୍ୟମାନଙ୍କ ସହିତ ମିଳିତ ଭାବରେ କାର୍ଯ୍ୟ କରିବା ସମୟସାପେକ୍ଷ ହୋଇପାରେ । କାମ କରୁଥିବା ବାଟରେ ବହୁତ ଅସୁବିଧା ଦେଖାଯିବାର ସମ୍ଭାବନା ଥାଏ । କିନ୍ତୁ ଅନ୍ୟମାନଙ୍କର ସ୍ୱେଚ୍ଛାକୃତ ସହଯୋଗର ସୁଯୋଗକୁ ଅପେକ୍ଷା କରିଛନ୍ତି ବୋଲି ଥରେ ପ୍ରସାର ହୋଇଗଲେ ଦେଖିବେ ଯେ ଖୁବ୍‌ଶୀଘ୍ର ଲୋକମାନେ ଆପଣଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିବେ । ତା'ପରେ ଲକ୍ଷ୍ୟ କରିବେ ଯେ ନିୟମିତ ଭାବେ ଆପଣ ଗୁରୁତ୍ୱପୂର୍ଣ୍ଣ କାମଗୁଡ଼ିକୁ କମ୍ ସମୟରେ ସଂଗଠିତ କରିପାରୁଛନ୍ତି ।

ସମତୁଲ୍ୟଭାବେ ଆପଣ ଭାବିବା ଆରମ୍ଭ କରି ଦେଇଥିବେଣି ଯେ ସହକର୍ମୀମାନେ ବହୁତ ଦକ୍ଷତା ଓ ଜ୍ଞାନର ଅଧିକାରୀ । ବିଷୟଜ୍ଞାନ ବ୍ୟତୀତ ସେମାନଙ୍କର ବିଭିନ୍ନ ସଉକି, ଅଭିଜ୍ଞତା, ସମ୍ବଳ ଓ ବିଭିନ୍ନ ସଂଗଠନ ସହ ସମ୍ପର୍କ ଅଛି ଯେଉଁଗୁଡ଼ିକୁ ଆପଣ ଶିକ୍ଷଣରେ ବ୍ୟବହାର କରିପାରିବେ । ଏହି ମାଧ୍ୟମରେ ଆପଣ ସହକର୍ମୀମାନଙ୍କୁ ପ୍ରସଙ୍ଗ ବା ବିଷୟରେ ଅତିରିକ୍ତ ସମ୍ବଳର ବ୍ୟବହାର ଦ୍ୱାରା ମିଳୁଥିବା ଉପକାର ସମ୍ପର୍କରେ ସଚେତନ କରେଇପାରିବେ ଓ ସେମାନଙ୍କୁ କିଛି ପରାମର୍ଶ ଓ ପ୍ରସ୍ତାବ ଦେବାପାଇଁ କହିବେ । ଏଭଳି ଆଲୋଚନା ନିୟମିତ ବୈଠକର ଏକ ଅଂଶରୂପେ ବିବେଚନା କରିପାରିବେ ।

ଏହି ବିଭାଗରେ ଥିବା ପରିସ୍ଥିତି ଅଧ୍ୟୟନ ଓ କାର୍ଯ୍ୟ ମାଧ୍ୟମରେ କରାଯାଇଥିବା ଆଲୋଚନାଗୁଡ଼ିକ ସହକର୍ମୀମାନଙ୍କୁ ଶ୍ରେଣୀ କୋଠରୀର ଚାରିକାନ୍ଥ ବାହାରେ ଥିବା ସମ୍ବଳଗୁଡ଼ିକ ସମ୍ବନ୍ଧରେ ଭାବିବା ପାଇଁ ଏକ ଉପଯୋଗୀ କାମ ହୋଇପାରେ ।

## ୪ ସମ୍ବଳଗୁଡ଼ିକର ବ୍ୟବହାର ପାଇଁ ଯୋଜନା

ଆପଣ ତନଖି କରି ଦେଖିଲା ପରେ ସମ୍ବଳଗୁଡ଼ିକୁ ସୁସଙ୍ଗଠିତ ଭାବେ ବ୍ୟବହାର କରିବା ପାଇଁ ଯୋଜନା କରିବା ଉଚିତ୍ । ଯାହାଫଳରେ ଆପଣଙ୍କର ଶିକ୍ଷକ ଓ ବିଦ୍ୟାଳୟର ଶିକ୍ଷାର୍ଥୀମାନେ ସମ୍ବଳଗୁଡ଼ିକୁ ଉନ୍ନତ ଢଙ୍ଗରେ ବ୍ୟବହାର କରିବା ଦ୍ୱାରା ଶିକ୍ଷଣର ସମୃଦ୍ଧି ପାଇଁ ସୁଯୋଗ ରହିଛି । ଯୋଜନା ମାଧ୍ୟମରେ ପ୍ରତିବର୍ଷ ପ୍ରତ୍ୟେକ ଶ୍ରେଣୀର ସମ୍ବଳଗୁଡ଼ିକର ସମସ୍ୟାକୁ ସମାଧାନ କରିହେବ ନାହିଁ । ଏହା ଏକ ନିର୍ଦ୍ଦିଷ୍ଟ ପଦକ୍ଷେପ ପାଇଁ ହୋଇପାରେ ଯାହାକି ପରିସ୍ଥିତି ଅଧ୍ୟୟନ ୨ରେ କ୍ଷେତ୍ରଭ୍ରମଣ ସମ୍ପର୍କରେ ଉଲ୍ଲେଖ ହୋଇଛି ବା କୌଣସି ଏକ ପାଠ୍ୟକ୍ରମ ବା ଶିକ୍ଷାର୍ଥୀଙ୍କ ଶିକ୍ଷଣ ସମ୍ପର୍କିତ ସମସ୍ୟାକୁ ସମାଧାନ କରିବା ପାଇଁ ଯୋଜନା କରିପାରନ୍ତି ।

### ଶିକ୍ଷଣକାର୍ଯ୍ୟ ୭: ଆପଣଙ୍କର ଶେଷ ଉଦ୍ଦେଶ୍ୟକୁ କଳ୍ପନା କରିବା

ଭଲ ଯୋଜନାରୁ ହିଁ ଆପଣଙ୍କର ଶେଷ ଉଦ୍ଦେଶ୍ୟଟି ଜଣାପଡେ। ବର୍ତ୍ତମାନ ଆପଣ ନିଜ ବିଦ୍ୟାଳୟକୁ କଳ୍ପନା କରନ୍ତୁ, ଯେଉଁଠି ଆପଣ, ଶିକ୍ଷାର୍ଥୀମାନେ ଏବଂ ସହକର୍ମୀମାନେ ଉପଲବ୍ଧ ସମ୍ବଳକୁ ବ୍ୟବହାର କରୁଛନ୍ତି ଏବଂ ଆପଣଙ୍କ ତାଲିକାରେ ସ୍ଥାନ ପାଇ ନ ଥିବା ସମ୍ବଳଗୁଡ଼ିକୁ ନେଇ ବିଭିନ୍ନ ରୂପରେ / ଡିଜାଇନ୍‌ରେ ସଜାଉଛନ୍ତି ଓ ସେଥିରୁ ସେମାନେ ଶିଖୁଛନ୍ତି। ଏହି ଦୃଶ୍ୟଲେଖକୁ ନିଜ ଶିକ୍ଷକ ଡାଏରୀରେ ଟିପିକରି ରଖନ୍ତୁ ।

ଆପଣ ଉଦାହରଣ ସ୍ୱରୂପ ଏଭଳି ପରିସ୍ଥିତିର କଳ୍ପନା କରନ୍ତୁ ଯେଉଁଠି ଶିକ୍ଷାର୍ଥୀମାନେ ସେମାନଙ୍କ ଅଜାଆଇଙ୍କଠୁ ଗପଗୁଡ଼ିକୁ ସାଙ୍ଗରେ ନେଇକି ଆସିଛନ୍ତି ଓ ସେଗୁଡ଼ିକୁ ସଜେଇ ବହି ଭାବେ ଶ୍ରେଣୀ କୋଠରୀରେ ବ୍ୟବହାର କରୁଛନ୍ତି ଯେଉଁଥିରୁ ସେମାନଙ୍କର ଭାଷାଜ୍ଞାନ ଓ ଐତିହ୍ୟ ସମ୍ପ୍ରସାରିତ ହେଉଛି ବା ଶିକ୍ଷାର୍ଥୀମାନେ ଟିଣରୁ ସଙ୍ଗୀତ ସମ୍ବନ୍ଧୀୟ ଯନ୍ତ୍ରପାତି ତିଆରି କରୁଛନ୍ତି ଓ ସେଥିରୁ କିପରି ବିଭିନ୍ନ ପ୍ରକାରର ଶବ୍ଦ ବାହାରୁଛି ସେଗୁଡ଼ିକୁ ବୁଝୁଛନ୍ତି । ନିଶ୍ଚିନ୍ତ ହୁଅନ୍ତୁ ଯେ ଆପଣଙ୍କ ଉଦାହରଣ ବାସ୍ତବ ସମ୍ବଳ ଅପେକ୍ଷା ଶିକ୍ଷାର୍ଥୀଙ୍କ ଶିକ୍ଷଣ ଫଳାଫଳ ଉପରେ ଗୁରୁତ୍ୱ ଦେଉଛି । ଯେଉଁ ଲୋକମାନେ ଆପଣଙ୍କୁ ଯୋଜନାରେ ସ୍ୱେଚ୍ଛାକୃତ ଭାବେ ସାହାଯ୍ୟ କରିଛନ୍ତି ସେମାନଙ୍କ ସହ ଏ ବାବଦରେ ଆପଣ ଆଲୋଚନା କରିପାରିବେ ।

### ଆଲୋଚନା

ଏହା ଏକ ବିଶେଷଭାବେ ବ୍ୟକ୍ତିଗତ ଦୃଶ୍ୟ ଅଟେ । ଆପଣଙ୍କ ଧ୍ୟାନକୁ ସମଗ୍ର ବିଦ୍ୟାଳୟ ଉପରେ ବା ନିର୍ଦ୍ଦିଷ୍ଟ ଭାବରେ ବିଶେଷ ତଥ୍ୟପାଇଁ କେନ୍ଦ୍ରୀଭୂତ କରିପାରନ୍ତି । ଆପଣ ଶୀଘ୍ର ବିଜୟ ହାସଲ ପାଇଁ ବିଦ୍ୟାଳୟରେ ନୂତନ ଶିକ୍ଷଣ ସମ୍ବଳଗୁଡ଼ିକୁ ପରିଚିତ କରାଇପାରନ୍ତି, ଯେମିତିକି ବିଦ୍ୟାଳୟ ମୁଖ୍ୟ ପ୍ରତି ଶ୍ରେଣୀରେ ଶିକ୍ଷଣ ଅଭିଜ୍ଞତା ଦେବାପାଇଁ କ୍ଷେତ୍ରଭ୍ରମଣକୁ ଗୁରୁତ୍ୱ ଦେଇଥିଲେ ।

**ପଶ୍ଚାତବର୍ତ୍ତୀ ଯୋଜନା:** ଶେଷ ଲକ୍ଷ୍ୟ ଆଧାରରେ ଏକ ନୂତନ ଯୋଜନା ସୃଷ୍ଟି କରିବା ପାଇଁ ପଶ୍ଚାତବର୍ତ୍ତୀ ଯୋଜନା ବାଟ ଦେଖାଏ (ଏଲମୋର, ୧୯୭୯) । ଲକ୍ଷ୍ୟ ରଖି ଯେତେବେଳେ ଆପଣ ପଛପଟୁ କାମ କରିବାକୁ ଭାବିବେ, ଯେଉଁମାନେ ଯୋଜନାର ଏକ ଅଂଶ ହେବେ ସେମାନଙ୍କର କୌଶଳ, ମନୋବୃତ୍ତି ଓ ପ୍ରେରଣା ସମ୍ପର୍କରେ ଭାବନ୍ତୁ । "ବିଦ୍ୟାଳୟରେ ପରିଦର୍ଶକଙ୍କ ପରିଦର୍ଶନ କାର୍ଯ୍ୟକ୍ରମକୁ ପରିଚିତ କରିବା ପାଇଁ" ବିଦ୍ୟାଳୟ ମୁଖ୍ୟଙ୍କ ଦ୍ୱାରା ପୂର୍ବରୁ ପ୍ରସ୍ତୁତ ହୋଇଥିବା ଯୋଜନାକୁ ନିମ୍ନରେ ଦିଆଯାଇଥିବା ଦୃଷ୍ଟୀକୋଣରୁ ଚିନ୍ତା କରନ୍ତୁ ।

> **ଲକ୍ଷ୍ୟ:** ପ୍ରତ୍ୟେକ ଶ୍ରେଣୀ ପାଇଁ ନିହାତି ଭାବରେ ଛଅଜଣ ଅତିଥିଙ୍କୁ (ନବମ, ଦଶମ, ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ) ସେମାନଙ୍କର ବୃତ୍ତି ସମ୍ପର୍କରେ ଓ ବିଦ୍ୟାଳୟ ପାଠ୍ୟଖସଡା ସହିତ ସମ୍ପର୍କିତ କରି ଭାଷଣ ଦେବା ପାଇଁ ନିମନ୍ତ୍ରଣ କରିବାକୁ କାର୍ଯ୍ୟକ୍ରମ ସ୍ଥିର କରିବା ।
>
> ସଂପୃକ୍ତ ବ୍ୟକ୍ତିମାନେ :
>
> ୧. ଶିକ୍ଷକ
> ୨. ଶିକ୍ଷାର୍ଥୀ
> ୩. ମାତାପିତା ବା ଅଭିଭାବକ
> ୪. ଅଫିସ୍ କର୍ମଚାରୀ
> ୫. ସହାୟତା କରୁଥିବା କର୍ମଚାରୀ



ଶିକ୍ଷକଙ୍କର ଭୂମିକା:

- ପାଠ୍ୟଖସଡାର ପାଠ ସହିତ ସମ୍ପର୍କଥିବା ବୃତ୍ତିଗୁଡ଼ିକୁ ଚିହ୍ନଟ କରିବା ।
- ପାଠ୍ୟଖସଡାରେ କ'ଣ ଅଛି ଓ ପରିଦର୍ଶନକାରୀ ଶିକ୍ଷାର୍ଥୀମାନଙ୍କ ସହ କ'ଣ ଆଲୋଚନା କରିବେ ସେ ବିଷୟରେ ତାଙ୍କ ସହ ଆଲୋଚନା କରିବେ ।
- ଶିକ୍ଷାର୍ଥୀମାନେ କ'ଣ ଅଧିକ ଜାଣିବା ପାଇଁ ଚାହୁଁଛନ୍ତି ସେଥିପାଇଁ ସେମାନଙ୍କୁ ପ୍ରସ୍ତୁତ କରିବା ।
- ଅତିଥିମାନଙ୍କୁ ଉପଯୁକ୍ତ ଭାବେ ଧନ୍ୟବାଦ ଦେବାର କୌଶଳକୁ ହାସଲ କରିବା ପାଇଁ ପ୍ରସ୍ତୁତ କରେଇବା ।
- ଏହି ପରିଦର୍ଶନରୁ ପାଇଥିବା ଜ୍ଞାନକୁ ପ୍ରୟୋଗ କରିବା ପାଇଁ ସୁଯୋଗ ଦେବା ।



ଶିକ୍ଷାର୍ଥୀମାନଙ୍କର ଭୂମିକା:

- ସେମାନେ ଜାଣିଥିବା ଉପଯୁକ୍ତ ବ୍ୟକ୍ତିଙ୍କୁ ବିଦ୍ୟାଳୟକୁ ପରିଦର୍ଶନରେ ଆସିବା ପାଇଁ ଚିହ୍ନଟ କରିବାରେ ସାହାଯ୍ୟ କରିବା ।
- ସେମାନେ କ'ଣ ଜାଣିଛନ୍ତି ଓ ଅତିଥିମାନଙ୍କ ପାଖରୁ ଅଧିକ କ'ଣ ଜାଣିବା ପାଇଁ ଇଛା କରୁଛନ୍ତି ସେଗୁଡିକୁ ଚିହ୍ନଟ କରିବା ।
- ଅତିଥିଙ୍କୁ ଉପଯୁକ୍ତ ଭାବେ ସତ୍କାର କରିବା ।
- ପରିଦର୍ଶନ ପରେ ଅତିଥିମାନଙ୍କ ପାଖରୁ ପାଇଥିବା ସୂଚନାଗୁଡିକୁ ସାଙ୍ଗ ଓ ଶିକ୍ଷକମାନଙ୍କ ସହ ଆଲୋଚନା କରି ପ୍ରୟୋଗ କରିବା ।

ସମ୍ବଳଗୁଡିକୁ ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଅଂଶୀଦାରମାନଙ୍କ ସହ ମିଶି ସେଗୁଡିକର କେବଳ ବ୍ୟବହାର ପାଇଁ ନୁହେଁ ବଂର ପରିଚାଳନା ଓ ଯତ୍ନ ନେବା ଗୁରୁତ୍ୱପୂର୍ଣ ଅଟେ । ଉପରେ ବର୍ଣ୍ଣନା କରାଯାଇଥିବା ଦୃଶ୍ୟରୁ ଜଣାପଡେ ଯେ, ବିଦ୍ୟାଳୟର ସମସ୍ତ କର୍ମଚାରୀ (କେବଳ ଶିକ୍ଷକ ନୁହନ୍ତି) ଅତିଥିମାନଙ୍କୁ ଉପଯୁକ୍ତ ଭାବରେ ଅଭିବାଦନ ଜଣାଇବା ସହ ସେମାନେ କିପରି ବିଦ୍ୟାଳୟ ଦ୍ୱାରା ପ୍ରଭାବିତ ହେବେ ଓ ସେମାନଙ୍କର ଉପସ୍ଥିତିର କାରଣ ପ୍ରତି ସଚେତନ ଅଛନ୍ତି । ଅତିଥିଜଣକ ଆମର ମୂଲ୍ୟବାନ ସମ୍ବଳ ତେଣୁ ଭୌତିକ ସମ୍ବଳ ପାଇଁ ଆମେ ଯେତେ ଯତ୍ନବାନ ହୋଇଥାଉ ଠିକ୍ ସେହିଭଳି ଆମେ ତାଙ୍କର ଯତ୍ନ ନେବା ଉଚିତ୍ । ଚିନ୍ତା କରିବା, ଘଟଣା ଅଧ୍ୟୟନ ୩ରେ କିପରି ଭାବରେ ସମ୍ବଳକୁ ସର୍ବାଧିକ ବ୍ୟବହାର ଓ ପରିଚାଳନା କରୁଛି ।

## ପରିସ୍ଥିତି ଅଧ୍ୟୟନ ୩: ଦାନରେ ଆସିଥିବା ଅଧିକାଂଶ ବହି

ବିଦ୍ୟାଳୟ ୧୦୦ ଖଣ୍ଡ ବହି ଦାନ ଆକାରରେ ଗ୍ରହଣ କରିଥିଲା । କାର୍ଯ୍ୟାଳୟରେ ଏକ ମାସ ଧରି ବହିଗୁଡିକ ବନ୍ଦ ହୋଇ ପଡିଥିଲା । ବିଦ୍ୟାଳୟର ମୁଖ୍ୟ ସହକର୍ମୀମାନଙ୍କ ସହ ଏକ ବିଶେଷ ବୈଠକ କରିଥିଲେ, ଯେଉଁଥିରେ ସେ ଏହି ସମ୍ବଳଗୁଡ଼ିକର ବ୍ୟବହାର ଉପରେ ଆଲୋଚନା କରିଥିଲେ । ସେ ଲଜ୍ଜିତ ଯେ, ବହିଗୁଡିକ ଉପଲବ୍ଧ କିନ୍ତୁ କେହି ପଢୁ ନାହାନ୍ତି । ସେ ପ୍ରତ୍ୟେକ ଶ୍ରେଣୀକୁ ୨୫ ଖଣ୍ଡ ଲେଖା ବହି ବାଣ୍ଟିବା ପାଇଁ ପରାମର୍ଶ ଦେଲେ, ଯାହାଫଳରେ ବର୍ଷର ପ୍ରତିମାସରେ ଶିକ୍ଷାର୍ଥୀମାନେ ବିଭିନ୍ନ ବହି ପଢିପାରିବେ ।

ଯଦିଓ ଶିକ୍ଷକମାନେ ଏହି କଥାରେ ରାଜି ହେଲେ, କିନ୍ତୁ ଗ୍ରହଣ କରିବାପାଇଁ କୁଣ୍ଠା ପ୍ରକାଶ କଲେ । ବିଦ୍ୟାଳୟର ମୁଖ୍ୟ ତାଙ୍କ ସହକର୍ମୀମାନଙ୍କର କୁଣ୍ଠାପ୍ରକାଶକୁ ଏହିଭଳି ଭାବରେ ବ୍ୟାଖ୍ୟା କଲେ ଯେ ସେମାନେ ଯେପରି ବହି ପଢିବାର ଉପକାରିତା ସମ୍ପର୍କରେ ଜାଣି ନାହାନ୍ତି । ସେ ଅନୁଭବ କଲେ ଯେ, ସହକର୍ମୀମାନେ ଚିନ୍ତିତ ଅଛନ୍ତି କାଳେ ବହି ହଜିଯିବ ଓ ସେଥିପାଇଁ ଦାୟୀ ହେବେ। ଏହି ବିଷୟରେ ସେ ଶିକ୍ଷାର୍ଥୀମାନଙ୍କୁ ସମବେତ ସଭାରେ ସୁଚାଇଲେ ଓ ଏହାର ସମାଧାନ ପାଇଁ ପରାମର୍ଶ ଦେବାକୁ କହିଲେ।

ବିଦ୍ୟାଳୟର ମୁଖ୍ୟ ନୋଟିସ ମାଧ୍ୟମରେ ସୂଚାଇଥିଲେ ଯେ ଯିଏ ଏହି ସମସ୍ୟାର ସମାଧାନ କରିବ ସେ ନିଜ ଇଚ୍ଛା ମୁତାବକ କେତେଖଣ୍ଡ ବହି ନେଇପାରିବ। ଏହାର ପ୍ରଭାବ ଅଧିକ ପରିମାଣରେ ଦେଖାଗଲା। ଦଳେ ଝିଅ ସେମାନଙ୍କର ଯୋଜନା ଧରି ତାଙ୍କ ପାଖକୁ ଆସିଥିଲେ। ଯୋଜନାକୁ ଆଧାର କରି ସେମାନଙ୍କ ସହ ମିଶି କାମ କଲେ ଓ କାମ କରିସାରିବା ପରେ ଏ ବାବଦରେ କର୍ମଚାରୀଙ୍କ ସହ ଆଲୋଚନା କଲେ। ଝିଅମାନଙ୍କୁ ସହାୟତା ଦେବା ପାଇଁ ଦୁଇ ଜଣ ସହକର୍ମୀ ସ୍ୱେଚ୍ଛାକୃତ ଭାବେ ରାଜି ହେଲେ।

ସେମାନେ ସ୍ଥାନୀୟ ଛାପାଖାନାର କର୍ମଚାରୀମାନଙ୍କ ସହ କଥାବାର୍ତ୍ତା କଲେ ଓ ବହିରେ ଛାପିବା ପାଇଁ ନାମପଟି ଗୁଡିକ ଅଫିସ୍ କାର୍ଯ୍ୟାଳୟଗୁଡିକୁ ତୁରନ୍ତ ପଠାଇଲେ। ଝିଅମାନେ କର୍ମଚାରୀମାନଙ୍କ ସହ ଏକାଠି କାମ କରି ବହିଗୁଡିକୁ ବର୍ଗୀକରଣ କରି ଚାରୋଟି ଖାତାରେ ପଞ୍ଜୀକରଣ କଲେ।

ତା'ପରେ ବିଦ୍ୟାଳୟ ମୁଖ୍ୟ ସମବେତ ସଭାରେ ଏହି ସମସ୍ୟାକୁ ସମାଧାନ କରିଥିବା ଶିକ୍ଷାର୍ଥୀଙ୍କୁ ପ୍ରଶଂସା କଲେ ଏବଂ ସେମାନେ ବାଛିଥିବା ବହିଗୁଡ଼ିକୁ ସେମାନଙ୍କ ହାତରେ ଉପହାର ସ୍ୱରୂପ ଅର୍ପଣ କଲେ । ପ୍ରଥମ ୨୪ ଜଣଙ୍କ ମଧ୍ୟରୁ ଯେ ଆଗ୍ରହୀ ପ୍ରଥମେ ତାକୁ ବହିଦେବେ ବୋଲି କହିଲେ । ଗୋଟିଏ ମାସପରେ ସମସ୍ତଙ୍କୁ ବହି ଫେରାଇବା ପାଇଁ ପଡିବ କିନ୍ତୁ ଫେରାଇବା ବେଳେ ବହିର କେଉଁ ଅଂଶ ଭଲଲାଗିଲା ଓ କାହିଁକି ଭଲ ଲାଗିଲା ତା'ର ସଂକ୍ଷିପ୍ତ ବିବରଣୀ ଦାଖଲ କରିବା ପାଇଁ କହିଲେ । ପ୍ରତି ମାସ ସେମାନେ ପଢିଥିବା ବହି ସମ୍ପର୍କରେ ଅନ୍ୟ ଶିକ୍ଷାର୍ଥୀମାନଙ୍କୁ କହିବା ପାଇଁ କିଛି ସମୟ ନିର୍ଦ୍ଧାରିତ କଲେ । ତା'ପରେ ଶିକ୍ଷକ ପରବର୍ତ୍ତୀର ୨୪ ଜଣଙ୍କୁ ବହି ଦେଉଥିଲେ, ପ୍ରତ୍ୟେକ ଖାତାରେ ତାରିଖ ଓ ସେମାନଙ୍କର ନାମ ଲେଖି ପଢିବା ପାଇଁ ନେଉଥିଲେ ।

ସେମାନଙ୍କ ମଧ୍ୟରୁ ଗୋଟିଏ ଶିକ୍ଷାର୍ଥୀ ଦ୍ୱିଧାଗ୍ରସ୍ତ ହୋଇ ବହି ହଜିଗଲେ ବା ଠିକ୍ ସମୟରେ ଫେରାଇ ନ ପାରିଲେ କି ଅସୁବିଧା ହେବ ବୋଲି ପଚାରିଲେ । ବିଦ୍ୟାଳୟର ମୁଖ୍ୟ କହିଲେ, ସେ ଏ ସମ୍ପର୍କରେ ସହକର୍ମୀ ଓ ନିଜର କର୍ମଚାରୀ ଓ ଗୋଟିଏ ବଡ ବିଦ୍ୟାଳୟରେ ଲାଇବ୍ରେରୀଏନ୍ ସହିତ ଆଲୋଚନା କରିଥିଲେ । ସେ ଦେଖିବାକୁ ପାଇଲେ ଯେ, ପ୍ରତ୍ୟେକ ପାଠାଗାରରେ ଏହି ସମସ୍ୟାର ସମାଧାନ ଏପରି ବହି ହଜିଗଲେ ବା ନଷ୍ଟ କରିଦେଲେ ଶିକ୍ଷାର୍ଥୀଙ୍କୁ ବହି ବଦଳରେ ବହିଟିଏ ଦବାକୁ ପଡ଼େ । ବହି ନଷ୍ଟକଲେ ମରାମତି ପାଇଁ ଟଙ୍କା ଦେବାକୁ ପଡ଼େ । ବହିକୁ ଠିକ୍ ସମୟରେ ନ ଫେରାଇଲେ ଜୋରିମାନା ଦେବାକୁ ପଡ଼େ । ଏ କଥାକୁ ଶିକ୍ଷାର୍ଥୀମାନେ ଗ୍ରହଣ କଲେ ଓ ଏହି ଧାରାରେ ପାଠାଗାର ଚାଲିଲା ।

ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦୁଇ ବର୍ଷ ମଧ୍ୟରେ ବହୁତ ବହି ଦାନ ପାଇଲେ । ବିଦ୍ୟାଳୟରେ ବହି ପଢିବା ଏକ ସାଧାରଣ ଅଭ୍ୟାଶରେ ପରିଣତ ହେଲା । ପ୍ରତି ଛଅ ମାସରେ ଥରେ ଲେଖାଏଁ ପ୍ରତିଶ୍ରେଣୀର ବହିକୁ ଅଦଳବଦଳ କରାଯାଉଥିଲା ।

## ଶିକ୍ଷଣକାର୍ଯ୍ୟ ୮ : ସମ୍ବଳ ବ୍ୟବସ୍ଥାର ବିକାଶ ପାଇଁ ଚିନ୍ତନ

ଏହି ପରିସ୍ଥିତି ଅଧ୍ୟୟନରେ ଗୋଟିଏ ବ୍ୟବସ୍ଥା ବର୍ଣ୍ଣନା କରାଯାଇଛି ଯେଉଁଠି ପ୍ରତ୍ୟେକ ଶିକ୍ଷାର୍ଥୀ ସେମାନଙ୍କର ଶିକ୍ଷଣରେ ଫଳପ୍ରଦଭାବେ ସମ୍ବଳଗୁଡିକୁ ବ୍ୟବହାର କରିବାକୁ ସମର୍ଥ ତାହା ନିଶ୍ଚିତ କରିବା ଆବଶ୍ୟକ । ଏହି ଘଟଣା ଅଧ୍ୟୟନରୁ ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡିକର ଉତ୍ତର ଦ୍ୱାରା ଆପଣ କ'ଣ ଶିଖିପାରିବେ କିଛି ସମୟ ଦେଇ ଚିନ୍ତା କରନ୍ତୁ।

- ଏହି ବ୍ୟବସ୍ଥାକୁ ସଫଳ ଭାବରେ ପରିଚାଳନା କରିବା ପାଇଁ ବିଦ୍ୟାଳୟ ମୁଖ୍ୟଙ୍କର କେଉଁ ନେତୃତ୍ୱର କୌଶଳ କାମ କଲା ?
- ଏଭଳି ପରିସ୍ଥିତିରେ ଯଦି ଆପଣ ବିଦ୍ୟାଳୟ ମୁଖ୍ୟ ହୁଅନ୍ତି, କେଉଁ ଯୁକ୍ତି ମାଧ୍ୟମରେ ଶିକ୍ଷକମାନଙ୍କୁ ସମ୍ବଳର ମୂଲ୍ୟ ଓ ବ୍ୟବହାର ସମ୍ପର୍କରେ ପ୍ରବର୍ତ୍ତାଇବେ ?
- ସମ୍ବଳଗୁଡିକ ଶିକ୍ଷଣ ପାଇଁ ଫଳପ୍ରଦ ଭାବେ ବ୍ୟବହୃତ ହେଉଛି ବୋଲି ନିଶ୍ଚିତ କରିବା ପାଇଁ ଆପଣଙ୍କ ପାଖରେ କି ବ୍ୟବସ୍ଥା ଅଛି ? ଏହି ବ୍ୟବସ୍ଥା କ'ଣ କାମ କରୁଛି କି ? ଏହି ବ୍ୟବସ୍ଥାରେ କିପରି ଉନ୍ନତି ଅଣାଯାଇପାରିବ ?

### ଆଲୋଚନା

ପରିସ୍ଥିତି ଅଧ୍ୟୟନ ୩ରେ ବହିର କମ୍ ବ୍ୟବହାର ସମ୍ପର୍କରେ ଉଲ୍ଲେଖ କରାଯାଇଛି । ବହିଗୁଡିକର ବ୍ୟାପକ ବ୍ୟବହାର ପାଇଁ ମଧ୍ୟ କେହି ଜଣେ ନେତୃତ୍ୱ ନେବାର ଆବଶ୍ୟକତା ଥିଲା । ସମ୍ବଳ ପରିଚାଳନା ପାଇଁ ସହଭାଗୀ ଯୋଜନା କରିବା ଏକ ଭଲ ଉଦାହରଣ ଅଟେ । ଆପଣ ଲକ୍ଷ୍ୟକଲେ କି ଏଥିରେ ଶିକ୍ଷାର୍ଥୀମାନେ ସାମିଲ ହୋଇ କିପରି ଭାବରେ ସମସ୍ୟାକୁ ସମାଧାନ କଲେ । ଆପଣ ସହକର୍ମୀ ଓ ଶିକ୍ଷାର୍ଥୀମାନଙ୍କୁ କୌଶଳ ପ୍ରୟୋଗ କରି ସମସ୍ୟାର ସମାଧାନ କରିବା ପାଇଁ କିପରି ଭାବରେ ମୋଡି ପରିଥିଲେ (ସମସ୍ୟାକୁ କେବଳ

ଚିହ୍ନଟ) । ଆପଣ ଓ ସହକର୍ମୀମାନେ ଶିକ୍ଷାର୍ଥୀଙ୍କ ଶିକ୍ଷଣ ଫଳାଫଳକୁ ଉନ୍ନତ କରିବା ପାଇଁ ସମ୍ବଳଗୁଡ଼ିକ ବିଷୟରେ ଭାବିବା ଆରମ୍ଭ କରିଥିବେଣୀ ଓ ବିଭିନ୍ନ ସମ୍ବଳ ବିଷୟରେ ସେମାନଙ୍କର ପ୍ରବେଶ / ଧାରଣା ଆସିଯାଇଥିବ ।

ବିଦ୍ୟାଳୟ ମୁଖ୍ୟ ପାଠାଗାରର ବ୍ୟବସ୍ଥା କରିବା ଦ୍ୱାରା ଦାତାମାନେ ଅଧିକ ବହି ଦେବା ପାଇଁ ପ୍ରେରଣା ପାଇଲେ କାରଣ ସେମାନେ ହୃତବୋଧ କଲେ ଯେ ବହିଗୁଡ଼ିକ ଭଲଭାବେ ବ୍ୟବହୃତ ହେଉଛି ଓ ଶିକ୍ଷାର୍ଥୀମାନେ ଉପକୃତ ହେଉଛନ୍ତି । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ପ୍ରତିମାସ ବହି ବିଷୟରେ ଆଲୋଚନା ପାଇଁ ସମୟ ନିର୍ଦ୍ଧାରଣ କରାଯାଇଥିଲା । କାରଣ ସେ ବୁଝିଥିଲେ ଯେ ବହି ଘରକୁ ନେବା ଯଥେଷ୍ଟ ନୁହେଁ ବରଂ ବହି ବିଷୟରେ ଆଲୋଚନା ପାଠ୍ୟକ୍ରମର ଅନ୍ତର୍ଭୁକ୍ତ ହେଲେ ହିଁ ଶିକ୍ଷଣରେ ଯୋଗଦାନ ରହିବ।

## ୫ ସମ୍ବଳ ପାଇଁ ପାଣ୍ଠିର ଆବଶ୍ୟକତା

ଏହି ଏକକରେ ଆପଣ ମୁଖ୍ୟତଃ ବିଦ୍ୟାଳୟ ଭିତରେ ଓ ମୁକ୍ତ ଭାବରେ ମିଳୁଥିବା ସମ୍ବଳ ବିଷୟରେ ଚିନ୍ତା କରିବେ । ସମୟ ଆସେ ଯେତେବେଳେ ନୂଆ ସାମଗ୍ରୀ କିଣା କରି ଆଣିବା ପାଇଁ ଗାଡି ଭଡା ବା ସାମଗ୍ରୀର ମରାମତି ଓ ଯନ୍ତ୍ରପାତି ପାଇଁ କିଛି ପାଣ୍ଠିର ଆବଶ୍ୟକତା ପଡିଥାଏ।

ଯେଉଁଠାରେ ଗୋଷ୍ଠୀମାନେ ଗରିବ ଶ୍ରେଣୀ ଅନ୍ତର୍ଭୁକ୍ତ ସେଭଳି କ୍ଷେତ୍ରରେ ବିଦ୍ୟାଳୟ ମୁଖ୍ୟଙ୍କ ପାଇଁ ଏହା ଏକ ଆହ୍ୱାନ ମୂଳକ କାମ ଅଟେ। ଯେଉଁଠି ପିତାମାତା ଓ ଗୋଷ୍ଠୀର ଅନ୍ୟମାନେ ଧନୀ ଶ୍ରେଣୀର ଅଟନ୍ତି ସେଠି ସମ୍ବଳ ପାଇଁ ପାଣ୍ଠି ସଂଗ୍ରହ କରାଯାଇପାରେ । କେତେକ ବିଦ୍ୟାଳୟର ମୁଖ୍ୟ ବା ବିଦ୍ୟାଳୟ ପରିଚାଳନା କମିଟି କେବଳ ଅର୍ଥ ମାଗନ୍ତି ନାହିଁ ତା'ର ପୂର୍ଣ୍ଣ ବିନିଯୋଗ ପାଇଁ ନଛୋଡବନ୍ଧା ପରି କାମ କରନ୍ତି।

କେତେକ ନିର୍ଦ୍ଦିଷ୍ଟ ପ୍ରକଳ୍ପ ପାଇଁ ପାଣ୍ଠି ଆସିଥାଏ (ଯଥା: ପାଠାଗାର, ବଗିଚାର ଯନ୍ତ୍ରପାତି, କଳାପଟାର ରଙ୍ଗ ପାଇଁ) କିନ୍ତୁ ଯେଉଁଠାରେ ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ପାଇଁ ସମ୍ବଳଗୁଡ଼ିକ ଫଳପ୍ରଦ ଭାବେ ବ୍ୟବହୃତ ହୋଇଥାଏ, ସେଠାକୁ ପାଣ୍ଠି ନିୟମିତ ଭାବରେ ଆସିଥାଏ । ବିଦ୍ୟାଳୟ ମୁଖ୍ୟ ନୂତନ ସମ୍ବଳ ସହିତ ବ୍ୟବହୃତ ସମ୍ବଳର ମୂଲ୍ୟାୟନ ପାଇଁ ଅନ୍ୟମାନଙ୍କୁ ପ୍ରବର୍ତ୍ତାଇବା ପାଇଁ ସମର୍ଥ ହେବା ଆବଶ୍ୟକ । କାରଣ ତାହାଦ୍ୱାରା ସମ୍ବଳ ପାଇଁ ପ୍ରେରଣା ପାଇବେ । ଆପଣ ହୁଏତ ଏ ସମ୍ପର୍କରେ ବଜେଟ ଉପସ୍ଥାପନ କରିଥିଲେ । ଆପଣ ଦେଖିବେ ଯେ ଜଣେ ଦାତା ନୁହେଁ ବଂର ବହୁତ ଜଣ ଦାନ କରିବା ପାଇଁ ଚାହୁଁଛନ୍ତି ଯେମିତିକି ବଗିଚା କାମରେ ବ୍ୟବହୃତ ହେଉଥିବା ଜିନିଷଗୁଡ଼ିକ ବା ଚାଷପ୍ରକଳ୍ପ ପାଇଁ ମଞ୍ଜି ଦେବା ପାଇଁ ପ୍ରତ୍ୟେକ ଚାହୁଁଛନ୍ତି ।

ଯେତେବେଳେ ପିତାମାତାଙ୍କୁ ଦାନ ସକାଶେ କହିବା ସେତେବେଳେ ସେମାନଙ୍କର ଆୟକୁ ଲକ୍ଷ୍ୟ କରିବା ଉଚିତ ଯଦି ସମ୍ବଳ ପାଇଁ ମାତାପିତାଙ୍କଠୁ ଅର୍ଥର ଆବଶ୍ୟକ ହେଉଥାଏ ତେବେ କିଛି ଶିକ୍ଷାର୍ଥୀ ବାଦ ପଡିଯିବାର ସମ୍ଭାବନା ଥାଏ ଯେଭଳି କ୍ଷେତ୍ରରେ ଯୋଜନାର କିଛି ପରିବର୍ତ୍ତନ ବା କିଛି ଯାହାଯ୍ୟ କରାଯାଇପାରେ କାରଣ ଶିକ୍ଷାର୍ଥୀମାନେ ସେହି ସମ୍ବଳ (ଯଥା: କ୍ଷେତ୍ରଭ୍ରମଣ)ରୁ ଅଧିକ ଶିଖିବାର ସୁଯୋଗ ପାଉଛନ୍ତି ।

## ୬ ସାରାଂଶ

ବିଦ୍ୟାଳୟରେ ଉପଲବ୍ଧ ସମ୍ବଳଗୁଡ଼ିକ ବିଭିନ୍ନ ସ୍ତରର ଓ ବିଭିନ୍ନ ପ୍ରକାରର ଅଛି । ଆପଣଙ୍କ ପାଖରେ ଥିବା ସମ୍ବଳଗୁଡ଼ିକୁ କେବଳ ପରିଚାଳନା କଲେ ହେବ ନାହିଁ ବଂର ସମ୍ବଳଗୁଡ଼ିକୁ ଶିକ୍ଷଣ ସମ୍ବଳ ରୂପେ ପରିଗଣିତ କରିପାରିବେ । ସମ୍ବଳର ବ୍ୟବହାରକୁ ଯାଞ୍ଚ କରିବା ଏକ ଭଲକଥା । କିନ୍ତୁ ସତର୍କ ହେବାକୁ ପଡିବ ଯେ ପ୍ରତି ଶିକ୍ଷାର୍ଥୀ ଆପଣ ଚିହ୍ନଟ କରିବା ସମ୍ବଳଗୁଡ଼ିକୁ ବ୍ୟବହାର କରୁଛନ୍ତି । ସମ୍ବଳ ବ୍ୟବହାରର ପ୍ରତ୍ୟେକ୍ଷ ସମ୍ପର୍କ ସମ୍ବନ୍ଧ ଶିକ୍ଷାର୍ଥୀଙ୍କର ଶିକ୍ଷଣ ଫଳାଫଳ ସହିତ ରହିଛି । ଆପଣ ସହକର୍ମୀ, ଶିକ୍ଷାର୍ଥୀମାନଙ୍କୁ ଓ ଅନ୍ୟମାନଙ୍କୁ କିପରି ଭାବରେ ପ୍ରେରଣା ଯୋଗାଇବେ ସେଥିପାଇଁ ଚିନ୍ତା କରିବା ଆରମ୍ଭ କରିଥିବେ । ଏହି ଏକକରେ ଆପଣ ବିଦ୍ୟାଳୟ ପାଇଁ ସ୍ଥିର

କରିଥିବା ଲକ୍ଷ୍ୟ ପାଇଁ ସେମାନଙ୍କ ସହ ମିଳିତ ଭାବେ କାମ କରିପାରିବେ । ଆପଣ ବର୍ତ୍ତମାନ ଧାରଣା ଓ ସାଧନ ଧରି ସଜ୍ଜିତ ଅଛନ୍ତି, ନିଜ ବିଦ୍ୟାଳୟକୁ ଏକ ଧନୀକ ଶ୍ରେଣୀ ସମ୍ବଳ ପରିବେଶରେ ପରିଣତ କରିବା ପାଇଁ ନେତୃତ୍ୱ ନେଇପାରିବେ।

ଏହି ଏକକ ଅନ୍ୟାନ୍ୟ ଏକକର ଅଂଶ ଅଟେ ଯାହାର ସମ୍ପର୍କ ମୁଖ୍ୟ ପରିସର ସହ ଅଛି । ପରବର୍ତ୍ତୀ ଏକକରେ ଆପଣ ଏଥିପାଇଁ କିପରି ଜ୍ଞାନ ଓ କୌଶଳ ଗଠନ କରିବାର ଉପଯୋଗୀତା ବିଷୟରେ ଜାଣିପାରିବେ ।

- *ପ୍ରାଥମିକ ବିଦ୍ୟାଳୟର ଶିକ୍ଷାଦାନ ଓ ଶିକ୍ଷଣକୁ ନେତୃତ୍ୱ ଦେବା।*
- *ମାଧ୍ୟମିକ ବିଦ୍ୟାଳୟର ଶିକ୍ଷାଦାନ ଓ ଶିକ୍ଷଣକୁ ଉନ୍ନତ କରିବା ପାଇଁ ନେତୃତ୍ୱ ଦେବା ।*
- *ବିଦ୍ୟାଳୟର ମୂଲ୍ୟାୟନକୁ ନେତୃତ୍ୱ ଦେବା ।*
- *ଶିକ୍ଷକମାନଙ୍କ କାର୍ଯ୍ୟଦକ୍ଷତାର ଅଭିବୃଦ୍ଧି ପାଇଁ ସହାୟତା ଦେବା ।*
- *ଶିକ୍ଷକମାନଙ୍କର ବୃତ୍ତିଗତ ବିକାଶ ପାଇଁ ନେତୃତ୍ୱ ଦେବା ।*
- *ଯାଞ୍ଚ ଓ ତଦାରଖ କରିବା ।*
- *ବିଦ୍ୟାଳୟରେ ଫଳପ୍ରଦ ଶିକ୍ଷଣର ବିକାଶ କରିବା ।*
- *ସମନ୍ୱିତ ଶିକ୍ଷାକୁ ଉତ୍ସାହିତ କରିବା ।*
- *ପ୍ରଯୁକ୍ତିବିଦ୍ୟାର ବ୍ୟବହାର ପାଇଁ ନେତୃତ୍ୱ ପ୍ରଦାନ କରିବା ।*

## ସମ୍ବଳ

### ସମ୍ବଳ ୧ : ଉପଲବ୍ଧ ସମ୍ବଳଗୁଡିକୁ ତନଖିବା

ସାରଣୀ ଆର ୧.୧ ଉପଲବ୍ଧ ସମ୍ବଳର ଯାଞ୍ଚ (ଶିକ୍ଷଣକାର୍ଯ୍ୟ ୧ ଦେଖନ୍ତୁ)

| ସମ୍ବଳ | ବିଦ୍ୟାଳୟ ଭିତରେ ଓ ହାତରେ ଉପଲବ୍ଧ ସାମଗ୍ରୀ | ବିଦ୍ୟାଳୟର ବାହାରେ ମିଳୁଥିବା ସାମଗ୍ରୀ |
|---|---|---|
| | | |
| | | |
| | | |
| | | |
| | | |

## ସମ୍ବଳ ୨ : ସ୍ଥାନୀୟ ସମ୍ବଳର ବ୍ୟବହାର

ପାଠ୍ୟପୁସ୍ତକ ବ୍ୟତୀତ ଅନ୍ୟାନ୍ୟ ବହୁତ ପ୍ରକାରର ସମ୍ବଳ ଶିକ୍ଷାଦାନରେ ବ୍ୟବହାର କରାଯାଇ ପାରିବ । ଆପଣ ସେଗୁଡ଼ିକୁ ବିଭିନ୍ନ ଉପାୟରେ ବ୍ୟବହାର କରିବା ପାଇଁ ଶିଖିବାକୁ ପଡ଼ିବ (ଦେଖିବା, ଶୁଣିବା, ଛୁଇଁବା, ସୁଘିଂବା, ରଖିବା) ଶିକ୍ଷାର୍ଥୀମାନେ ବିଭିନ୍ନ ଉପାୟରେ ଶିଖିଥାଆନ୍ତି । ଆପଣଙ୍କ ଚାରିପାଖରେ ଥିବା ସମ୍ବଳଗୁଡ଼ିକୁ ହୁଏତ ବ୍ୟବହାର କରୁଥାଇ ପାରନ୍ତି । ଯେ କୌଣସି ବିଦ୍ୟାଳୟ ଅଳ୍ପ ଖର୍ଚ୍ଚ ବା ବିନା ଖର୍ଚ୍ଚରେ ନିଜର ସମ୍ବଳ ଯୋଗାଡ଼ କରିପାରିବେ । ଅଞ୍ଚଳଭିତ୍ତିକ ସମ୍ବଳଗୁଡ଼ିକର ସମ୍ପର୍କ ପାଠ୍ୟକ୍ରମ ଓ ଶିକ୍ଷାର୍ଥୀର ଜୀବନ ସହିତ ଯୋଡ଼ାଯାଇ ପାରିବ ।

ଆପଣଙ୍କ ନିକଟ ପରିବେଶରେ ଏମିତି ଲୋକଥିବେ ଯାହାଙ୍କର ବିଭିନ୍ନ ବିଷୟରେ ବିଷଦ ଭାବେ ଜ୍ଞାନ ଥିବ ଓ ବହୁତ ପ୍ରାକୃତିକ ସମ୍ବଳ ଉପଲବ୍ଧ ଥିବ । ଏହା ମାଧ୍ୟମରେ ଆପଣ ସେହି ଅଞ୍ଚଳର ଗୋଷ୍ଠୀଙ୍କ ସହ ସମ୍ପର୍କ ରଖିପାରିବେ । ଏହାର ମୂଲ୍ୟକୁ ଉପସ୍ଥାପନ କରିପାରିବେ ଏବଂ ଶିକ୍ଷାର୍ଥୀମାନଙ୍କୁ ପରିବେଶର ବିବିଧତାକୁ ଦେଖିବା ପାଇଁ ପ୍ରେରଣା ଦେଇପାରିବେ । ଶିକ୍ଷାର୍ଥୀଙ୍କ ଶିକ୍ଷଣ ପାଇଁ ସାମଗ୍ରିକ ପନ୍ଥାରେ କାମ କରିବା ଗୁରୁତ୍ୱପୂର୍ଣ୍ଣ ଯେପରି ବିଦ୍ୟାଳୟ ଭିତରେ ଓ ବାହାରେ ଶିକ୍ଷଣ।

### ଶ୍ରେଣୀ କୋଠରିକୁ ସଜେଇବା

ଲୋକମାନେ ସେମାନଙ୍କର ଘରକୁ ଯଥା ସମ୍ଭବ ଆକର୍ଷଣୀ କରିବା ପାଇଁ ବହୁ କଠିନ ପରିଶ୍ରମ କରିଥାଆନ୍ତି । କେଉଁ ପରିବେଶରେ ଶିକ୍ଷାର୍ଥୀମାନେ ଶିଖନ୍ତୁ ବୋଲି ଆପଣ ଆଶା କରୁଛନ୍ତି । ଆପଣ ଆପଣଙ୍କ ବିଦ୍ୟାଳୟ ଓ ଶ୍ରେଣୀ କୋଠରୀକୁ ଚିତ୍ତାକର୍ଷକ ଭାବେ ଶିକ୍ଷଣର ସ୍ଥାନ ରୂପେ ସଜାଇ ପାରିବେ । ଏହାର ପ୍ରଭାବ ଶିକ୍ଷଣରେ ଖୁବ୍ ଅଧିକ ଅଟେ । ଆପଣଙ୍କ ନିକଟରେ କାମ କରିବା ବହୁତ ସମ୍ବଳ ଅଛି

ଯାହାଦ୍ୱାରା ଆପଣ ଶ୍ରେଣୀ କୋଠରୀକୁ ଶିକ୍ଷାର୍ଥୀଙ୍କ ପାଇଁ ଆକର୍ଷଣୀୟ ଓ ଆଗ୍ରହୋଦ୍ଦୀପକ କରିପାରିବେ । ଉଦାହରଣ ସ୍ୱରୂପ- ଆପଣ ନିମ୍ନରେ ଦିଆଯାଇଥିବା ଭଳି କରିପାରିବେ ।

- ପୁରୁଣା ମାଗାଜିନ୍‌ରୁ ପୋଷ୍ଟର ତିଆରି
- ଶିକ୍ଷାର୍ଥୀଙ୍କ କୃତିର ପ୍ରଦର୍ଶନ
- ଶିକ୍ଷାର୍ଥୀଙ୍କୁ କୌତୁହଳ କରିବା ପାଇଁ ଶ୍ରେଣୀ କୋଠରୀର ସାଜସଜ୍ଜାରେ ପରିବର୍ତ୍ତନ

### ସ୍ଥାନୀୟ ବିଷାରଦଙ୍କ ଶ୍ରେଣୀକୋଠରୀରେ ବ୍ୟବହାର

ଯଦି ଆପଣ ଗଣିତ ଶ୍ରେଣୀରେ ପରିମାଣ ବା ଟଙ୍କା ପଇସା ବିଷୟରେ ପଢ଼ାଉଛନ୍ତି, ତାହା ହେଲେ ପୋଷାକ ତିଆରି କରୁଥିବା ବ୍ୟବସାୟୀକୁ ନିମନ୍ତ୍ରଣ କରନ୍ତୁ । ଯିଏ ତାଙ୍କ କାମରେ ଗଣିତକୁ କିପରି ବ୍ୟବହାର କରନ୍ତି କହିବେ । କଳା ଶିକ୍ଷାରେ ଯଦି ଆବଣ ଆକୃତି, ନକ୍ସା, ପରମ୍ପରା, ଐତିହ୍ୟ ଓ କୌଶଳ ସମ୍ବନ୍ଧରେ ଅନୁସନ୍ଧାନ କରୁଛନ୍ତି ତାହାହେଲେ ବାହାଘରରେ ମେହେନ୍ଦି ଲଗାଉଥିବା ବ୍ୟକ୍ତିକୁ ନିମନ୍ତ୍ରଣ କରିପାରନ୍ତି । ଯଦି ଆମେ ଅତିଥିଙ୍କୁ କାହିଁକି ନିମନ୍ତ୍ରଣ କରୁଛୁ ସେ ସମ୍ପର୍କରେ ସ୍ୱଷ୍ଟ ଅଛୁ, ତାହାହେଲେ ସେଥିପାଇଁ ଆଶାନୁରୂପ ଭାବରେ ସମୟ ଅଛି ।

ଆପଣଙ୍କ ବିଦ୍ୟାଳୟ ଗୋଷ୍ଠୀରେ ବିଭିନ୍ନ ବିଶେଷଜ୍ଞ ଅଛନ୍ତି (ଯଥା: ରୋଷେଇୟା, ରକ୍ଷଣାବେକ୍ଷଣ କାମ) ଏମାନଙ୍କ ସହିତ ଶିକ୍ଷାର୍ଥୀମାନେ ଶିକ୍ଷଣ ସମ୍ପର୍କିତ ସାକ୍ଷାତକାର କରିପାରିବେ । ଉଦାହରଣ ସ୍ୱରୂପ: କେତେ ପରିମାଣର ରୋଷେଇ ହେଉଛି, ପାଣିପାଗ ଦ୍ୱାରା ଖେଳ ପଡିଆ ଓ କୋଠା କିପରି ପ୍ରଭାବିତ ହୋଇଥାଏ ।

## ବାହ୍ୟ ପରିବେଶର ବ୍ୟବହାର

ଆପଣ ବିଦ୍ୟାଳୟ ବାହାରେ ଥିବା ବ୍ୟାପକ ପରିମାଣର ସମ୍ବଳଗୁଡିକୁ ଆପଣଙ୍କ ପାଠରେ ବ୍ୟବହାରୀ କରିପାରିବେ। ଆପଣ ଶିକ୍ଷାର୍ଥୀଙ୍କ ମାଧ୍ୟମରେ ବିଭିନ୍ନ ପତ୍ର, କୀଟ, ଗଛ, ପୋକ, ପଥର ଓ କାଠକୁ ସଂଗ୍ରହ କରିପାରିବେ । ଏଭଳି ସମ୍ବଳ ଆଣିଲେ ଶ୍ରେଣୀ କୋଠରୀଟି ଆଗ୍ରହୋଦ୍ଦୀପକ ହେବ ଓ ପାଠ ସହିତ ସମ୍ବନ୍ଧ ସ୍ଥାପନ କରି ହେବ । ଏଗୁଡିକୁ ଆଧାର କରି ଆଲୋଚନା କରିହେବ। ପରୀକ୍ଷଣ ମଧ୍ୟ କରିହେବ। କେବଳ ସେତିକି ନୁହେଁ ବର୍ଗୀକରଣ ମଧ୍ୟ କରିହେବ ଯଥା: ଜୀବ, ନିର୍ଜୀବ । ଗୋଷ୍ଠୀରେ ବସ ନିରଘଣ୍ଟ ଓ ବିଜ୍ଞାପନଗୁଡି ସହଜରେ ଉପଲବ୍ଧ । ବିଭିନ୍ନ କାର୍ଯ୍ୟ ସ୍ଥିର କରି ଏଗୁଡିକୁ ଶିକ୍ଷଣ ସମ୍ବଳରୂପେ ପରିଗଣିତ କରିହେବ ଯଥା: ଶବ୍ଦ ଚିହ୍ନଟ, ଗୁଡଗୁଡିକୁ ତୁଳନା କରିବା ବା ଯାତ୍ରା ସମୟରେ ହିସାବ କରିବା ।

ବାହାରେ ଥିବା ସମ୍ବଳଗୁଡିକୁ ଶ୍ରେଣୀ କୋଠରୀ ଭିତରକୁ ଆଣିପାରିବା । ଶ୍ରେଣୀ ବାହାରକୁ ମଧ୍ୟ ଶ୍ରେଣୀ କୋଠରୀ ଭାବରେ ବ୍ୟବହାର କରିବା । ଶ୍ରେଣୀକୋଠରୀ ବାହାରେ ଶିକ୍ଷାର୍ଥୀମାନେ ସ୍ୱଚ୍ଛନ୍ଦରେ ବୁଲିପାରିବେ ଓ ଜିନିଷଗୁଡିକୁ ଭଲଭାବରେ ଦେଖିପାରିବେ । ଆପଣ ଯେତେବେଳେ ଶିକ୍ଷାର୍ଥୀଙ୍କୁ ବାହାରକୁ ଶିଖିବା ପାଇଁ ନେବେ, ସେମାନେ ଏଭଳି କେତେକ କାମ କରିପାରିବେ ।

- ଦୂରତାର ହିସାବ ଓ ମାପ କରିବା
- ବୃତ୍ତ ଯେ କୌଣସି ବିନ୍ଦୁର ଦୂରତା କେନ୍ଦ୍ରବିନ୍ଦୁ ଠାରୁ ସମାନ ଅଟେ
- ଦିନର ବିଭିନ୍ନ ସମୟରେ ଛାଇର ଲମ୍ବକୁ ରେକର୍ଡ କରିବା
- ସଂକେତ ଓ ସୂଚନାକୁ ପଢିବା
- ସର୍ଭେ ଓ ସାକ୍ଷାତକାର ପଦ୍ଧତି ପରିଚାଳନା କରିବା
- ସୌରଜଗତ ସଂକ୍ରାନ୍ତ ତଥ୍ୟ
- ଶସ୍ୟ ଉତ୍ପାଦନ ଓ ବର୍ଷାକୁ ତଦାରଖ କରିବା

ବିଦ୍ୟାଳୟ ବାହାରେ ଶିକ୍ଷଣ ବାସ୍ତବମୁଖୀ ଓ ଅଭିଜ୍ଞତା ଆଧାରିତ ହୋଇଥିବାରୁ ଉପଲବ୍ଧ ଜ୍ଞାନକୁ ସହଜରେ ସେମାନେ ଅନ୍ୟ ପୃଷ୍ଠଭୂମି ସହ ଯୋଡ଼ିପାରନ୍ତି ।

ଆପଣ ଯଦି ଶିକ୍ଷାର୍ଥୀଙ୍କୁ ବିଦ୍ୟାଳୟ ବାହାରକୁ ନେବାକୁ ଚାହୁଁଛନ୍ତି ତେବେ ବିଦ୍ୟାଳୟ ମୁଖ୍ୟଙ୍କ ଅନୁମତି ନିଅନ୍ତୁ । ସମୟର ଯୋଜନା କରନ୍ତୁ । ଶିକ୍ଷାର୍ଥୀମାନଙ୍କର ରକ୍ଷଣ ବେକ୍ଷଣ ପ୍ରତି ଯତ୍ନଶୀଳ ହୁଅନ୍ତି । ସମସ୍ତ ଶିକ୍ଷାର୍ଥୀଙ୍କୁ କ'ଣ ସବୁ ନିୟମ ମାନିବାକୁ ପଡିବ ବୁଝେଇ ଦିଅନ୍ତୁ । ଆପଣ ବିଦ୍ୟାଳୟରୁ ଯିବା ପୂର୍ବରୁ ଆପଣ ଓ ଆପଣଙ୍କ ଶିକ୍ଷାର୍ଥୀ କ'ଣ ସବୁ ଶିଖିବେ ସ୍ପଷ୍ଟ ହେବା ଉଚିତ୍ ।

## ସମ୍ବଳକୁ ଉପଯୋଗୀ କରାଇବା

ଆପଣ ଉପଲବ୍ଧଥିବା ସମ୍ବଳଗୁଡିକୁ ଉପଯୁକ୍ତ ଭାବେ ଶିକ୍ଷାର୍ଥୀଙ୍କ ପାଖରେ ବ୍ୟବହାର କରିବାକୁ ଚାହିଁବେ । ବିଶେଷଭାବରେ ଯେତେବେଳେ ପ୍ରତି ଶିକ୍ଷାର୍ଥୀର ଶିକ୍ଷଣ ସହିତ ଯୋଡିବାକୁ ଚେଷ୍ଟା କରିବେ ଏଭଳି ପରିବର୍ତ୍ତନ ଛୋଟ କଥାଟିଏ ବୋଲି ମନେ ହୋଇପାରେ କିନ୍ତୁ ବଡ ଧରଣର ତଫାତ୍ ଦେଖାଯିବ । ଉଦାହରଣ ସ୍ୱରୂପ: ଅନ୍ୟ ରାଜ୍ୟର ହୋଇଥିଲେ ନାମ ଓ ସ୍ଥାନ ବଦଳେଇ ପରିବେ ବା ଗୀତରେ ଲିଙ୍ଗ ପରିବର୍ତ୍ତନ କରିପାରିବେ ବା ଗପରେ ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କୁ ସମ୍ବୋଧନ କରି କହିପାରିବେ । ଏଭଳି ଭାବରେ ଆପଣଙ୍କ ଶ୍ରେଣୀ ଓ ସେମାନଙ୍କ ଶିକ୍ଷଣରେ ସମ୍ବଳଗୁଡିକୁ ସାମିଲ କରି ସେଗୁଡିକୁ ଉପଯୁକ୍ତ ଭାବେ ବ୍ୟବହାର କରିପାରିବେ ।

ସମୃଦ୍ଧିଶାଳୀ ହେବାପାଇଁ ସହକର୍ମୀଙ୍କ ସହ ମିଶି କାମ କରନ୍ତୁ । ସମ୍ବଳଗୁଡ଼ିକୁ ସୃଷ୍ଟି କରିବା ପାଇଁ ଓ ବ୍ୟବହାର କରିବା ପାଇଁ ଆପଣଙ୍କ ପାଖରେ ଗୁଡ଼ାଏ କୌଶଳ ଅଛି । କେଉଁ ସହକର୍ମୀ ଗୀତରେ ପାରଙ୍ଗମ ତ କିଏ ଖେଳଣା ତିଆରି କରିବାରେ ବା କିଏ ବିଜ୍ଞାନ ମେଳାକୁ ସଂଗଠିତ ଭାବେ ପରିଚାଳନା କରିବା ପାଇଁ ଧୁରନ୍ଧର ଥିବେ । ଆପଣ ଶ୍ରେଣୀରେ ବ୍ୟବହାର କରୁଥିବା ସମ୍ବଳ ସମ୍ପର୍କରେ ସହକର୍ମୀମାନଙ୍କ ସହ ଆଲୋଚନା କରନ୍ତୁ ଯେଉଁମାନେ ଆପଣଙ୍କୁ ବିଦ୍ୟାଳୟର ସମସ୍ତ ପରିସରରେ ଏକ ଉନ୍ନତ ମାନର ଶିକ୍ଷଣ ପରିବେଶ ସୃଷ୍ଟି କରିବାରେ ସାହାଯ୍ୟ କରିବେ।

## References/bibliography

*Encouraging book talk in the school library*, Open University OpenLearn unit. Available from: http://www.open.edu/openlearn/education/encouraging-book-talk-the-school-library/content-section-0 (accessed 9 August 2014).

Elmore, R.F. (1979) 'Backward mapping: implementation research and policy decisions', *Political Science Quarterly*, vol. 94, no. 4 (winter 1979/80), pp. 601–16.

*Enhancing pupil learning on museum visits*, Open University OpenLearn unit. Available from: http://www.open.edu/openlearn/education/enhancing-pupil-learning-on-museum-visits/content-section-1 (accessed 9 August 2014).

*Teachers sharing resources online*, Open University OpenLearn unit. Available from: http://www.open.edu/openlearn/education/teachers-sharing-resources-online/content-section-0 (accessed 9 August 2014).

*TESSA: using local resources – Track 1*, Open University OpenLearn unit. Available from: http://www.open.edu/openlearn/education/tessa-using-local-resources (accessed 9 August 2014).

## Acknowledgements

This content is made available under a Creative Commons Attribution-ShareAlike licence (http://creativecommons.org/licenses/by-sa/3.0/), unless identified otherwise. The licence excludes the use of the TESS-India, OU and UKAID logos, which may only be used unadapted within the TESS-India project.

Every effort has been made to contact copyright owners. If any have been inadvertently overlooked the publishers will be pleased to make the necessary arrangements at the first opportunity.

Video (including video stills): thanks are extended to the teacher educators, headteachers, teachers and students across India who worked with The Open University in the productions.